ସତ୍ୟାତ୍ ନାସ୍ତି ପରୋଧର୍ମଃ

# ବିଶ୍ୱଧାରା

# VISWADHARA

ତ୍ରୈମାସିକ ପତ୍ରିକା

ଅକ୍ଟୋବର - ଡିସେମ୍ବର : ୨୦୧୪

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**
କାର୍ଯ୍ୟାଳୟ - ଗୌତମ ନଗର
ଭୁବନେଶ୍ୱର - ୭୫୧ ୦୧୪

ସମ୍ପାଦନାରେ :

**ଉପଦେଷ୍ଟା : ଡଃ ବନବିହାରୀ ପଣ୍ଡା**

ସମ୍ପାଦକ

**ବିନୋଦ ବିହାରୀ ପଲାଇ**

## ଅକ୍ଟୋବର - ଡିସେମ୍ବର : ୨୦୧୪

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ ତରଫରୁ**

ଉକ୍ତ ସଂଘର ସମ୍ପାଦକ ଆଶିଷ କୁମାର କରଙ୍କ ଦ୍ୱାରା ପ୍ରକାଶିତ ଓ ବିବରଣୀ ପ୍ରକାଶନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୧୪ ଦ୍ୱାରା ମୁଦ୍ରିତ ।

Registered vide - Registrar of Newspapers
Regd. No. 34177/79 Dt. 08.10.1979

## ଆଭିମୁଖ୍ୟ :

୧) ଜାତି, ଧର୍ମ, ସମ୍ପ୍ରଦାୟ, ବର୍ଣ୍ଣ ଏବଂ ନାରୀ ଓ ପୁରୁଷ ନିର୍ବିଶେଷରେ ବିଶ୍ୱ ଭ୍ରାତୃତ୍ୱର ବୀଜକେନ୍ଦ୍ର ସୃଷ୍ଟି କରିବା।

୨) ଧର୍ମ, ଦର୍ଶନ ଓ ବିଜ୍ଞାନର ତୁଳନାତ୍ମକ ଅଧ୍ୟୟନ ପାଇଁ ପ୍ରୋତ୍ସାହିତ କରିବା।

୩) ପ୍ରକୃତିର ଅନ୍ତର୍ନିହିତ ନିୟମାବଳୀ ଓ ମଣିଷର ଅନ୍ତର୍ନିହିତ ଶକ୍ତିର ଅନୁସନ୍ଧାନ କରିବା।

## ଏହି ପତ୍ରିକାରେ ପ୍ରକାଶ ପାଇଁ ଲେଖା ସମ୍ବନ୍ଧରେ କେତେକ ନିୟମ :

୧) ବ୍ରହ୍ମବିଦ୍ୟା ସାହିତ୍ୟ

୨) ଆଧ୍ୟାତ୍ମିକ ସାହିତ୍ୟ

୩) ବିଜ୍ଞାନରେ ଆଧ୍ୟାତ୍ମିକ ତତ୍ତ୍ୱ

୪) ପୁରାଣ, ଇତିହାସ, ଲୋକକଥା, ପର୍ବ-ପର୍ବାଣୀ, ଶିଳ୍ପ, କଳା, ସଂଗୀତ ଓ ନୃତ୍ୟରେ ନିହିତ ବିଜ୍ଞାନ, ଆଧ୍ୟାତ୍ମିକତା ଓ ଧର୍ମମତର ତାତ୍ତ୍ୱିକ ବିଶ୍ଳେଷଣ।

୫) ଜାତିସ୍ମର ଏବଂ ଅସାଧାରଣ ଧୀସମ୍ପନ୍ନ ବ୍ୟକ୍ତିର ଅସାଧାରଣ ବିଭାବର ଯଥୋଚିତ ବିବରଣୀ ଓ ବିଶ୍ଳେଷଣ।

୬) ପ୍ରକାଶ ପାଇଁ ଲେଖା ବିଚାର ସମ୍ବନ୍ଧରେ ସମ୍ପାଦନାକର୍ତ୍ତୃକ ନିଷ୍ପତ୍ତି ଚୂଡ଼ାନ୍ତ।

୭) ଲେଖା ଅମନୋନୀତ ହେଲେ ମନୋନୀତ ନ ହେବାର କାରଣ ଦର୍ଶାଇବାକୁ ସମ୍ପାଦକ ବାଧ୍ୟ ନୁହଁନ୍ତି।

୮) ଲେଖା ଫେରସ୍ତ ଦିଆଯାଏ ନାହିଁ। ଲେଖକଙ୍କ ଅନୁରୋଧ କ୍ରମେ ଯଦି ସମ୍ପାଦକ ଲେଖା ଫେରସ୍ତ ଦିଅନ୍ତି, ଲେଖା ଫେରସ୍ତ ନେବା ପାଇଁ ସଂପୃକ୍ତ ଲେଖକ ଡାକଖର୍ଚ୍ଚ ବହନ କରିବେ।

୯) ପ୍ରତ୍ୟେକ ଖଣ୍ଡ କାଗଜର ଗୋଟିଏ ପାଖରେ ଲେଖା ଲିପିବଦ୍ଧ ହେବା ଆବଶ୍ୟକ।

# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସଂପାଦକୀୟ | ସଂପାଦକ | ୧ |
| ୨. | ଜୀବନ ବେଶ୍ ଅର୍ଥପୂର୍ଣ୍ଣ | ଡଃ ଫକୀର ମୋହନ ସାହୁ | ୮ |
| ୩. | ପିମ୍ପୁଡ଼ିରୁ ପୁଲିଜର | ଧ୍ରୁବ ପ୍ରସାଦ ପଣ୍ଡା | ୧୪ |
| ୪. | କୃଷ୍ଣମୂର୍ତ୍ତିଙ୍କ ପୁସ୍ତକ କିପରି ପଢ଼ିବା ? | ଅଶୋକ କୁମାର ମହାପାତ୍ର | ୨୧ |
| ୫. | ବୌଦ୍ଧଧର୍ମ ଓ ବ୍ରହ୍ମବିଦ୍ୟା ସମିତି | ପୌର୍ଣ୍ଣମାସୀ ପଟ୍ଟନାୟକ | ୨୬ |
| ୬. | ମଣିଷର ଅଭ୍ୟାସଗତ କର୍ମ ଓ ତାର ପ୍ରଭାବ | ଅମୀୟ କୁମାର ରଥ | ୩୬ |



ଲେଖା ପଠାଇବାର ଠିକଣା :

**ଶ୍ରୀ ବିନୋଦ ବିହାରୀ ପଲାଇ**

ସମ୍ପାଦକ

**ବିଶ୍ୱଧାରା**

ଉତ୍କଳ ବ୍ରହ୍ମବିଦ୍ୟା ସଂଘ କାର୍ଯ୍ୟାଳୟ

ପ୍ଲଟ ନମ୍ବର - ୩୬୪

ଗୌତମ ନଗର, ଭୁବନେଶ୍ୱର - ୭୫୧ ୦୧୪

## ସଂପାଦକୀୟ

# ବ୍ରହ୍ମବିଦ୍ୟା-ଉପଲବ୍ଧିରେ ବିଶ୍ୱଭ୍ରାତୃତ୍ୱ-ସାମାନ୍ୟ ସଂକେତ

କେତେକ ଭ୍ରାମ୍ୟମାଣ ବ୍ୟକ୍ତି ଇନ୍ଦ୍ରିୟମାନଙ୍କର ଆଲୁଳାୟିତ ଗତି ଅନୁସାରେ ବୁଲୁଥିଲେ ନଦୀ ତୀରରେ, ଅରଣ୍ୟରେ, ପର୍ବତର ପାଦ ଦେଶରେ, ମରୁଭୂମିରେ ଅନ୍ଧକାର ରାତ୍ରିର ଆକାଶରେ ନକ୍ଷତ୍ରମାନଙ୍କୁ ଚାହିଁ ଅଥବା ଚନ୍ଦ୍ରରୁ ବିଚ୍ଛୁରିତ ଜ୍ୟୋସ୍ନାରେ, ଆଲୋକର ମଧୁର ପ୍ରଭାରେ, ମଧ୍ୟାହ୍ନର ତୀବ୍ର ସୂର୍ଯ୍ୟ ତାପରେ, ଅପରାହ୍ନର ଶୀତଳ ଆଲୋକର ମ୍ଲାନ ସ୍ପର୍ଶରେ ଓ ସନ୍ଧ୍ୟାର ଗତି କ୍ରମରେ ରାତ୍ରିର ଆଚ୍ଛନ୍ନତା ଆଡ଼କୁ। ସେମାନେ ଚାଲୁଥିଲେ ଏକ ଧୀର ଅପ୍ରତିହତ ଜୀବନର ଧାରା ପରି – ସ୍ରୋତସ୍ୱିନୀର ପ୍ରବାହ ପରି। ପଥରେ ପ୍ରତିରୋଧର ଆଶଙ୍କା ସେମାନଙ୍କର ନଥିଲା। ପ୍ରତିରୋଧକ ଅତିକ୍ରମ କରିବାର ଶକ୍ତି ସେମାନଙ୍କର ଥିଲା କି ନଥିଲା ତାହା ଜଣା ନଥିଲା ସେମାନଙ୍କୁ । ସେମାନେ ଯେ ସଶରୀର ମାନବାକୃତି ଜୀବ, ଏଥିରେ ସନ୍ଦେହ ନାହିଁ ବୋଲି ଜୀବ-ବିଜ୍ଞାନ ନିର୍ଣ୍ଣୟ କରିଛି। ସେମାନେ ଅନିକେତ; ମାତ୍ର ଅସ୍ଥିର ନୁହଁନ୍ତି। ଜନ୍ମ, ଜୀବନ ଓ ମୃତ୍ୟୁ ସୃଷ୍ଟିର ବିଚିତ୍ର ଅପରିମେୟ କ୍ରିୟା ଧାରାରେ ସେମାନେ କେଉଁଠାରୁ କିପରି ଆସିଲେ ଓ କାହିଁକି ଆସିଲେ ତାହା ମଧ ଏ ପର୍ଯ୍ୟନ୍ତ ଜଣାଯାଇନାହିଁ। ଉଦ୍‌ବର୍ତ୍ତନର ସୃଜନ-ଶକ୍ତି ଜୀବ ଶରୀର ଓ କାମନା / ବାସନାକୁ ମଣିଷର ଶରୀର ଓ କାମନା / ବାସନାରେ ଉଦ୍‌ବର୍ତ୍ତିତ କରୁଛି। ତେଣୁ ଯାହା ଜୀବ-ଜଗତର ଜୀବନଧାରାକୁ ବିଶ୍ଳେଷଣ ଓ ବିନ୍ୟାସ କରି ତନ୍ନିହତ ସତ୍ୟକୁ ଉପଲବ୍ଧି କରି ସ୍ୱୀୟ ସ୍ଥିତିକୁ ନିର୍ଣ୍ଣୟ କରିବା ଓ ତଦନୁଯାୟୀ କର୍ମର ପନ୍ଥା ନିର୍ଦ୍ଧାରଣ କରିବା ଦାୟିତ୍ୱ ମାନବର।

ମଣିଷକୁ ମାନବ ବୋଲି କହିବାର କାରଣ ସଂକ୍ଷେପରେ ହେଉଛି 'ମନ' ହିଁ ମାଧ୍ୟମ ଭାବେ କାର୍ଯ୍ୟ କରେ। ମନ ହିଁ ଚିତ୍ତ ଭାବରେ ଚେତନା-ପ୍ରକାଶର ମାଧ୍ୟମ। ଶରୀର ଓ ଅଶରୀର ସ୍ଥିତି ସଂବନ୍ଧରେ ଯଥାର୍ଥ ସଚେତନତା ଆତ୍ମାରୁ ସଂଚାରିତ ସ୍ଫୁରଣ ଚେତନାର କ୍ରିୟାଶୀଳତାର ସଂଯୋଗ ଦ୍ୱାରା ହିଁ ସମ୍ଭବ। ସେଥିପାଇଁ ଆତ୍ମ ଅନାତ୍ମ ଓ ଏ ଦୁଇଟିର ପାରସ୍ପରିକ ସଂବନ୍ଧ ସାଂସାରିକ ସ୍ଥିତି ଓ ଗତି ଭାବରେ ନିର୍ଦ୍ଧାରିତ ହୋଇଛି। ତେବେ ସଂସାରର ବଳୟ ମଧ୍ୟରେ ଜୀବନକୁ ମାର୍ମିକ ସ୍ୱାଚ୍ଛନ୍ଦ୍ୟରେ ଉପଲବ୍ଧି କରିବା ପାଇଁ ଅନିବାର ପ୍ରଚେଷ୍ଟାରତ ମାନବ ଯନ୍ତ୍ରଣା ପୀଡ଼ିତ ହେବାର

କାରଣ ବିଷୟରେ ସଚେତନ ହୋଇ ପାରୁନଥିବା ଯୋଗୁଁ ସେ ଯେ ଯନ୍ତ୍ରଣା ଭୋଗ କରୁଛି ତାହା ହୁଏତ ସେ ଅନୁଭବ କରିପାରେ ନାହିଁ।

ଜଗତର ପରିଚୟ ଜୀବନ। ଜୀବନ ଯେପରି ଅକଳନୀୟ ବିସ୍ତୃତି ଜଗତ ସେହିପରି ଅକଳନୀୟ ବିସ୍ତୃତି। ତେଣୁ ଜୀବନ ଓ ଜଗତର ପାରସ୍ପରିକ ସଂବନ୍ଧ ଅଭେଦ୍ୟ ଓ ଅଛେଦ୍ୟ। ତେଣୁ ମାନବ ନିଜକୁ ନିରୀକ୍ଷଣ କରିବାର ଦୃଷ୍ଟିରେ ଯେପରି ଜଗତକୁ ନିରୀକ୍ଷଣ କରେ ଠିକ୍ ସେହିପରି ଜଗତକୁ ନିରୀକ୍ଷଣ ପରିସରରେ ନିଜକୁ ସ୍ୱାଭାବିକ ଭାବେ ମଧ୍ୟ ନିରୀକ୍ଷଣ କରେ। ଯଥାର୍ଥ ନିରୀକ୍ଷଣ ନିର୍ଲିପ୍ତ ନିରଞ୍ଜନ ତ ଅବାଧ। ଏହା ବଳୟମୁକ୍ତ। ମହାକାଳର ପ୍ରତ୍ୟେକ ମୁହୂର୍ତ୍ତରେ ସଂସାର ଓ ସନ୍ୟାସ ଯେପରି ସ୍ୱୀୟ କ୍ରିୟାରେ ଗତିଶୀଳ ସେହି କ୍ରିୟାରେ ସମଗ୍ର ଜୀବ-ଜଗତ ଗତିଶୀଳ। ମାନବର ସଂଚେତନତା ସେହିଗତିରେ ନିୟମ ଦ୍ୱାରା ନିୟନ୍ତ୍ରିତ। କେବଳ ମାନବ ନୁହଁନ୍ତି ସମଗ୍ର ଜଗତ ସେହି ନିୟମ ଦ୍ୱାରା ନିୟନ୍ତ୍ରିତ। ଉନ୍ନୟନର ମୌଳିକ ସୂତ୍ର ଭିତ୍ତିରୁ ନିର୍ଗତ ଅପରିମେୟ ଧାରାର କ୍ରମ ବିଚିତ୍ର ଜୀବନର କାର୍ଯ୍ୟ ଓ କାରଣ ବିଭିନ୍ନ ଭାବରେ ପରିଦୃଷ୍ଟ ହେଉଥିଲେ ହେଁ ମୂଳଭିତ୍ତିରୁ ବିତ୍ରସ୍ତ ନୁହଁନ୍ତି। ମୂଳ ଭିତ୍ତିର କ୍ରିୟମାଣ ସଂଯୋଗ ସୂତ୍ର କ୍ରମଶଃ ଅସାମ୍ୟ ଦୂର କରିଦିଏ। ମାନବିକତାର ପ୍ରକାଶ ଓ ବିକାଶ କେବଳ ନୁହେଁ, ଜଗତର ସମଗ୍ର ଜୀବ ଓ ଜୀବନ ଏହି ମୌଳିକ ନୀତି ଦ୍ୱାରା ନିୟନ୍ତ୍ରିତ ଏବଂ ସେହି ସୂତ୍ରରେ ଏହି ବିଚାରର ପରିସରରେ ଦୃଶ୍ୟମାନ ଓ ଅଦୃଶ୍ୟ ନିସ୍ତବ୍ଧ ନୀରବ। ରୂପ ଓ ରୂପାୟନ ମଧ୍ୟ ପ୍ରଣିହିତ। ତେଣୁ ମାନବର ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିବାରେ ଯେଉଁ ପଦ୍ଧତି ନିର୍ଣ୍ଣୟ କରାଯାଏ ତହିଁରେ ବଂଶ, ପରମ୍ପରା, ପରିବେଶ, ପରିବର୍ତ୍ତିତ ଜୀବନଶୈଳୀ, ବିଭିନ୍ନ ଘଟଣା ସହିତ ସଂପୃକ୍ତି ଇତ୍ୟାଦିକୁ ବିଚାରକୁ ନିଆଯିବା ବିଧେୟ। ଏହାର କାରଣ ପ୍ରତ୍ୟେକ ମୁହୁର୍ତ୍ତ ଜୀବ ଓ ଜୀବନର ମୁହୂର୍ତ୍ତ ଏବଂ ବର୍ତ୍ତମାନର ଅତୀତ ଥିଲା ଓ ଭବିଷ୍ୟତ ଅଛି ଏବଂ ବର୍ତ୍ତମାନର ଅତୀତ ଥିଲା ଓ ଭବିଷ୍ୟତ ଅଛି। ହୋଇପାରେ ଯେ ସ୍ମରଣାତୀତ ସମୟର କୌଣସି ଘଟଣା ବର୍ତ୍ତମାନର ମାନସିକ ସ୍ତରରେ ଏପରି ଭାବରେ ସ୍ପନ୍ଦନ ସୃଷ୍ଟି କରୁଛି ଯେ ତାହା ଆକସ୍ମିକ ମନେ ହେଉଛି। କିନ୍ତୁ ତାହା ତତ୍ତ୍ୱଗତ ସ୍ଥିତି ଓ ସ୍ଥାପକତାରେ ନଥିଲା ବୋଲି କହିହେବ ନାହିଁ - ନୂତନ ବୋଲି ଅନୁଭୂତ ହେଲେ କୌଣସି ଉପାଦାନର ପ୍ରକାଶ ବୋଲି ସ୍ୱୀକାର କରାଯିବ। ତେଣୁ ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତ ଜଗତ ଓ ଜୀବନର ମୁହୂର୍ତ୍ତ ଏବଂ ଜୀବନର ଜାଗୃତ ପାଇଁ ଯଜ୍ଞ-ମନ୍ତ୍ରର ଅନୁପେକ୍ଷଣୀୟ ପ୍ରୟୋଜନୀୟତା ରହିଛି। ଏ ଯଜ୍ଞ ଓ ଯଜ୍ଞମନ୍ତ୍ର

ମାନବିକତାର ଜାଗରଣ ନିମନ୍ତେ ଉଦ୍ଦିଷ୍ଟ। ଧ୍ୟେୟଙ୍କୁ ଧ୍ୟାନ କରିବାର ମନ୍ତ୍ର। ଜୀବର ଅନ୍ତର୍ନିହିତ ବ୍ରହ୍ମସତ୍ତାର ଜାଗରଣ ଯାହା ମାନବିକତାର ମହତ୍ତ୍ୱ ପ୍ରତିପାଦନ ପୂର୍ବକ ତାହାକୁ ଦେବତ୍ୱ ଆଡ଼କୁ ନେଇଯାଏ। ନିରହଂକାର ଆତ୍ମସ୍ଥିତିକୁ ସାର୍ବଜନୀନ ସତ୍ୟରେ ଲୀନ କରେ।

ବ୍ରହ୍ମସତ୍ତା ଶାଶ୍ୱତ। ସେହି ଶାଶ୍ୱତ ବ୍ରହ୍ମଙ୍କୁ ଉପଲବ୍‌ଧି କରିବାର ବିଦ୍ୟା ହେଉଛି ବ୍ରହ୍ମବିଦ୍ୟା। ଇଂରାଜୀ ଭାଷାରେ 'Theosophy'। ଆନିବେସାନ୍ତ କହିଛନ୍ତି ତୃତୀୟ ଶତାବ୍ଦୀରେ ଉକ୍ତ ଶବ୍ଦଟି ଇଂରାଜୀ ଭାଷାରେ ଆବିର୍ଭୂତ ହେଲା। ଉକ୍ତ ଶବ୍ଦର ତାତ୍ପର୍ଯ୍ୟ କିପରି ଭାବରେ ଇଂରାଜୀ ଭାଷା ଓ ସାହିତ୍ୟରେ ଉପଲବ୍‌ଧ ହେଉଥିଲା ତାହା ଚିନ୍ତାର ବିଷୟ; ଏହା ପୂର୍ବରୁ ସତ୍ୟ, ଧର୍ମ, ନ୍ୟାୟ ବିଷୟରେ ଯେ ଆଦୌ ଚିନ୍ତା କରାଯାଉ ନଥିଲା, ଏପରି ନୁହେଁ । ୧୮୭୫ ମସିହା ନଭେମ୍ବର ୧୭ ତାରିଖରେ ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠାତ୍ରୀ ମାଡାମ୍ ହେଲେନା ପେଟ୍ରୋଭା ବ୍ଲାଭାଟ୍‌ସ୍କି କହିଛନ୍ତି ସେ ପୁରାତନ ପ୍ରଜ୍ଞାକୁ ପୃଥିବୀର ପାଶ୍ଚାତ୍ୟ ଦେଶମାନଙ୍କୁ ଜଣାଇବା ନିମନ୍ତେ ଚେଷ୍ଟା କରିଥିଲେ। ମାଡାମ୍ ବ୍ଲାଭାଟ୍‌ସ୍କି ଓ କଲୋନେଲ୍ ଅଲକଟ୍‌ଙ୍କ ନେତୃତ୍ୱରେ ଆମେରିକାର ନ୍ୟୁୟର୍କରେ ପ୍ରତିଷ୍ଠିତ ହୋଇଥିଲା ବ୍ରହ୍ମବିଦ୍ୟା ସମିତି ଏବଂ ପରେ ଭାରତରେ ଅନୁଷ୍ଠାନର ପ୍ରଧାନ କାର୍ଯ୍ୟାଳୟ ପ୍ରତିଷ୍ଠିତ ହେଲା ଚେନାଇ (ପୂର୍ବରୁ ମାନ୍ଦ୍ରାଜ)ରେ। ଆନି ବେସାନ୍ତ ସଭାନେତ୍ରୀ ଥିଲେ ୧୯୦୭ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ । ଛବିଶି ବର୍ଷ ମଧ୍ୟରେ ବ୍ରହ୍ମବିଦ୍ୟା ସମିତିର ପ୍ରଭାବ ପୃଥିବୀର ବହୁ ଦେଶକୁ ପ୍ରସାରିତ ହୋଇଥିଲା। ଆନିବେସାନ୍ତଙ୍କ ନେତୃତ୍ୱରେ ଭାରତର ଜାତୀୟତା ଓ ରାଜନୀତିର ନୈତିକତା ଓ ସ୍ୱାଧୀନତା ପାଇଁ ବିପ୍ଳବ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଜାଗରଣ ବ୍ରହ୍ମବିଦ୍ୟାର ମୌଳିକ ଭିତ୍ତିରୁ ହିଁ ଶକ୍ତି ସଞ୍ଚୟ କରି ଏପରି ପରିସ୍ଥିତି ସୃଷ୍ଟି କରିଥିଲା ଯେ ତାଙ୍କୁ ଭାରତମାତା ବୋଲି ଭାରତର ନାଗରିକମାନେ ସଂବୋଧନ କରୁଥିଲେ। ତାଙ୍କର ସମଗ୍ର କର୍ମମୟ ଜୀବନକୁ ବିଶ୍ଳେଷଣ କଲେ ଉପଲବ୍‌ଧ ହେବ ଯେ ସେ ଥିଲେ ଯୋଗାତ୍ମା। ତାଙ୍କ ନେତୃତ୍ୱରେ ଯେଉଁମାନେ ବ୍ରହ୍ମବିଦ୍ୟା ସମିତିର ଚିନ୍ତା, ଚେତନାରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରୁଥିଲେ ସେମାନେ ଥିଲେ କର୍ତ୍ତବ୍ୟପରାୟଣ ଏବଂ ସ୍ୱୀୟ କର୍ମ ଦ୍ୱାରା ଆଦର୍ଶ ଥିଲେ। ବ୍ରହ୍ମବିଦ୍ୟା ସମିତିର ଆଭିମୁଖ୍ୟ ଅନୁସାରେ ସେମାନେ କାର୍ଯ୍ୟ କରୁଥିଲେ। ସେମାନେ ସାଧନାବ୍ରତୀ ଥିଲେ।

ବ୍ରହ୍ମବିଦ୍ୟା ସମିତି ଦ୍ୱାରା ପ୍ରକାଶିତ ବ୍ରହ୍ମବିଦ୍ୟା ବିଷୟରେ ଲେଖିଥିବା ଲେଖକଙ୍କ ଦ୍ୱାରା ବହୁ ପୁସ୍ତକ ସଂସ୍କୃତି, ସଭ୍ୟତା, ସତ୍ୟ, ଧର୍ମ, ନ୍ୟାୟ

ବିଷୟରେ ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞା ସଂବନ୍ଧୀୟ ପରିସରରେ ଯେ ଅମୂଲ୍ୟ ସଂପଦ ଏଥିରେ ସନ୍ଦେହ ନାହିଁ।

ମାଡାମ୍ ବ୍ଲାଭାଟ୍‌ସ୍କି ଓ କଲୋନେଲ୍ ଅଲ୍‌କଟ୍‌ଙ୍କ ଅମ୍ଳାନ ନେତୃତ୍ୱରେ ବ୍ରହ୍ମବିଦ୍ୟା ସମିତିର ଲକ୍ଷ୍ୟ ଥିଲା ବସ୍ତୁବାଦ କବଳରୁ ମାନବକୁ ମୁକ୍ତ କରିବା। କାରଣ ବସ୍ତୁବାଦ ମାନବିକତାକୁ ଗ୍ରାସ କଲେ ମାନବଠାରେ ପାଶବିକ ପ୍ରବୃତ୍ତି ମଣିଷକୁ ପଶୁରେ ପରିଣତ କରିଦେବ ଏବଂ କାମ, କ୍ରୋଧ, ଲୋଭ, ଈର୍ଷା, ବିଦ୍ୱେଷ ପୃଥିବୀକୁ କ୍ଷୟକାରୀ ଯୁଦ୍ଧ ଭୂମିରେ ପରିଣତ କରିଦେବ। ମଣିଷର ଏପରି ଅସହ୍ୟ ଅଧୋଗତି ବିନାଶର କାରଣ ହେବ। ତେଣୁ ମାନବକୁ ବିନାଶର ପଥରୁ ଫେରାଇଆଣି ବିକାଶ ପଥରେ ପଥିକ କରିବା ନିମନ୍ତେ ବ୍ରହ୍ମବିଦ୍ୟା ଯେ କେବଳ ବିଦ୍ୟା ତାହା ଅନାବିଳ ଆତ୍ମବିଦ୍ୟାର ସାଧନ ଶୁଦ୍ଧ ଚେତନାରେ ଗୃହୀତ ହୋଇସାରିଛି। ପୁରାତନ ପ୍ରଜ୍ଞା ଏ ବିଦ୍ୟାର ଉଦ୍‌ଗାତା ଏବଂ ଅମ୍ଳାନ ଆଲୋକ, ଅବଧାରକ ସାଧନାର ସଂବିତ୍।

ସାଧନାର ପଥ ନିର୍ଣ୍ଣିତ ହୋଇଛି ପ୍ରଜ୍ଞାରେ। ବ୍ରହ୍ମବିଦ୍ୟା ହେଉଛି ସେ ପଥରେ ପଥିକ ହେବା ପାଇଁ ଅବଲମ୍ବନ। ମାଡାମ୍ ବ୍ଲାଭାଟ୍‌ସ୍କି ଯଦିଓ ବିତ୍ତଶାଳୀ ପରିବାରରେ ଜନ୍ମ ହୋଇଥିଲେ ଶୈଶବରୁ ଅତୀନ୍ଦ୍ରିୟ ଦୃଷ୍ଟିରେ ବହୁ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ଅପାର୍ଥିବ ଜୀବନର ସଂକେତ ଦେଇଥିଲେ। ସେ ସ୍ୱୀୟ ଅତୀନ୍ଦ୍ରିୟ ସ୍ତରରେ ଜୀବନର ଗତିକୁ ଲକ୍ଷ୍ୟ କରି ଇନ୍ଦ୍ରିୟଲବ୍ଧ ସ୍ମୃତିକୁ ବିଶ୍ଳେଷଣ ଓ ବିନ୍ୟାସ କରୁଥିଲେ। ସେ ଆଭିଜାତ୍ୟକୁ ସଂପୂର୍ଣ୍ଣ ତ୍ୟାଗ କରି ଜୀବନର ଅନ୍ତର୍ନିହିତ ସତ୍ୟବୋଧ ପାଇଁ ତପନିଷ୍ଠ ଜୀବନ ନିମନ୍ତେ ଯେଉଁ ସାଧନାର ପଥରେ ପଥିକ ହୋଇଥିଲେ ସେହି ପଥରେ ଯେଉଁ ସତ୍ୟ ଉପଲବ୍ଧି କରି ସେ ରଚନା କରିଛନ୍ତି ଆଧ୍ୟାତ୍ମିକ ପୁସ୍ତକ। "Isis unveiled" "Secret Doctrine" "Key to Theosophy" "Practical Occultism" ଓ ଆହୁରି ବହୁତ ପୁସ୍ତକ ଯାହା ମାନସ ମନ୍ଥନରୁ ବୁଦ୍ଧି ଓ ଦିବ୍ୟ ଚେତନା ଆଡ଼କୁ ଯିବା ପାଇଁ ଆତ୍ମଶକ୍ତିର ଜାଗରଣ ନିମନ୍ତେ ମନ୍ତ୍ରିତ କରେ। ଶ୍ରୀମଦ୍‌ଭଗବଦ୍ ଗୀତା ସଂପର୍କରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କଠାରୁ ମହାତ୍ମାଗାନ୍ଧୀ ପ୍ରଥମେ ଶୁଣିଥିଲେ। ଲଣ୍ଡନରେ ଶ୍ରୀମଦ୍‌ଭଗବଦ୍‌ଗୀତାକୁ ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ରଚନା ଭାବେ ଉପଲବ୍ଧି କରିଥିଲେ।

ଅନୁଭବ, ଅଭିଜ୍ଞତା ଓ ଉପଲବ୍ଧି ହିଁ ଚେତନାଶୀଳ ବ୍ୟକ୍ତିର ଅବଧାରଣ ଉପରେ ନିର୍ଭରଶୀଳ। ସେ ଅବଧାରଣ ସୃଜନଶୀଳ ଉପାଦାନ ଯହିଁରେ ଦୃଶ୍ୟମାନ ପ୍ରକୃତି ସହିତ ଅଦୃଶ୍ୟ ଅପ୍ରାକୃତିକ ସତ୍ୟର ବିଧାନ

କରୁଛି ପ୍ରକାଶ ଓ ବିକାଶର ସକଳ ବିଭାବକୁ। ଏହି ଜାଗତିକ ଜୀବନର ପ୍ରକାଶ୍ୟ ଏବଂ ଅପ୍ରକାଶ୍ୟ ଗତିଶୀଳ ସ୍ଥିତିକୁ କେବଳ ଆତ୍ମଜାଗୃତି ମାଧ୍ୟମରେ ହିଁ ଲକ୍ଷ୍ୟ କରିବା ସମ୍ଭବ। ତେଣୁ ଆତ୍ମଜାଗୃତି ନିମନ୍ତେ ଜୀବ ଜଗତର ଯେଉଁ ଉପାଦାନ ଯେଉଁ ଜୀବନଠାରେ ନିହିତ ସେ ହେଉଛି ମାନବ।

"ମନ" ଶବ୍ଦର ଗୁଣାତ୍ମକ ସ୍ଥିତି ଯେଉଁ ଜୀବରେ ନିହିତ ସେ ମାନବ। ମାନବ ସେହି କାରଣରୁ ଏକ ବିଚକ୍ଷଣ ଜୀବ। ମନକୁ ନିୟନ୍ତ୍ରଣ କରାଯାଇ ପାରିଲେ ବୁଦ୍ଧିର ଉଦୟ ଅଭ୍ୟୁଦୟ ସମ୍ଭବ। ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ବିଚାର ଧାରାରେ ମନକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। କାମନା ବାସନାର ସ୍ଥିତି ଓ ସଂଚାଳନ ଅଧୋଭାଗରେ ଓ କାମନା ବାସନାରୁ କ୍ରମଶଃ ଉର୍ଦ୍ଧ୍ୱଗତିରେ ଯାଉଥିବା ମାନସର ଭାଗଟିକୁ ଉର୍ଦ୍ଧ୍ୱମାନସ ବୋଲି କୁହାଯାଏ। ନିମ୍ନମାନସରେ କାମ, କ୍ରୋଧ ଓ ଲୋଭର ଚାଞ୍ଚଲ୍ୟ ଓ ଉର୍ଦ୍ଧ୍ୱ ମାନସ ଉକ୍ତ ତିନୋଟି କ୍ଷୟକାରୀ ଶକ୍ତିର ବଳୟରୁ କ୍ରମଶଃ ମୁକ୍ତି ପାଇଁ ପ୍ରଚେଷ୍ଟା ସାଧନାସାପେକ୍ଷ। ନିମ୍ନ ମନର ବଳୟ ପ୍ରବୃତ୍ତିର ଏବଂ ଉର୍ଦ୍ଧ୍ୱ ମାନସର ଗତି ନିବୃତ୍ତି ପଥରେ ବୁଦ୍ଧି ଆଡ଼କୁ। ଉର୍ଦ୍ଧ୍ୱମାନସର ଶୀର୍ଷ ସ୍ତରରେ କାରଣ ତତ୍ତ୍ୱରେ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ସଂବନ୍ଧୀୟ ନିୟମ ଅନୁସାର ବ୍ୟକ୍ତି-ଆତ୍ମା (Monad) କାର୍ଯ୍ୟ କରେ। ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଅସ୍ତିତ୍ୱର ଉପଲବ୍ଧିର ପ୍ରକାର ଅନୁସାରେ ବ୍ୟକ୍ତି କିପରି ଜୀବନର ଯାତ୍ରା ପଥ ପଥିକ ନିର୍ଣ୍ଣୟ କରେ ତାହା ଆତ୍ମା ନିରୀକ୍ଷଣ କରେ ନିର୍ଲିପ୍ତ ଭାବରେ। ଜୀବନର ଏହି ଅବସ୍ଥା ଏକ ଜଟିଳ ପ୍ରକରଣ। ସ୍ଥୁଳ ଶରୀରଠାରୁ ବୁଦ୍ଧି ସୁଦ୍ଧା ତତ୍ତ୍ୱଗତ ସମସ୍ତ ସ୍ତର ସେହି ଆତ୍ମ ଶାସନ ଅନ୍ତର୍ଗତ। ଆତ୍ମଚୈତନ୍ୟ ପ୍ରତ୍ୟେକ ସ୍ତରର ପାରସ୍ପରିକ ସଂପର୍କ ସ୍ଥିର କରେ। ଏହା ଆତ୍ମଚୈତନ୍ୟର ଏକ ବିଭାବ ଏବଂ ବୁଦ୍ଧି ବୋଲି ସ୍ୱୀକୃତ।

ଆତ୍ମଚୈତନ୍ୟର ବିଭାବ ବୁଦ୍ଧିରୁ ସ୍ଥିତି ଓ ଗତିର ବିଚାରକୁ ବିବେକର ଉନ୍ମେଷ ଓ ଉନ୍ମିଳନ କୁହାଯାଏ। ଏହା ବୁଦ୍ଧିର ସୃଜନଶୀଳ ଶକ୍ତିର କ୍ରିୟା ଉପରେ ନିର୍ଭରଶୀଳ। ଯେହେତୁ ପରମାତ୍ମାଙ୍କ ଠାରୁ ସୃଷ୍ଟି ଉଦ୍‌ଗତ ସେହେତୁ ସେ ହିଁ ଏହାର ଅବଧାରକ। ତାଙ୍କର ଅବଧାରଣ ଏ ସୃଷ୍ଟିର ମୂଳାଧାରକୁ ଉପଲବ୍ଧିରେ ସମ୍ଭବ କରିବା ପାଇଁ ମାନବର ମାନବିକତାର ସାଂସାରିକ ରୂପ-ବଳୟ ମଧ୍ୟରୁ ନିଷ୍କୃତି ଲାଭ ପାଇଁ ସାଧନା ଅବ୍ୟାହତ ରହିବା ବିଧେୟ। ବିଧି ଓ ବିଧାୟକ ସାଂସାରିକ ଉପଲବ୍ଧିରେ ସମ୍ଭବ ନୁହଁନ୍ତି। ସଂସାର ପରିବର୍ତ୍ତନଶୀଳ। ସଂସାରର ସ୍ରଷ୍ଟା ଅପରିବର୍ତ୍ତନୀୟ। ପ୍ରକୃତି ଅପ୍ରାକୃତିକ ସ୍ରଷ୍ଟାଙ୍କର ସୃଷ୍ଟି। ସୃଷ୍ଟିର ରୂପ ଓ ରୂପାୟନ ପ୍ରତ୍ୟେକ

ମୁହୂର୍ତ୍ତରେ ପରିବର୍ତ୍ତିତ ହେଉଛି। ଜୀବନର ଗତି ପଥ ନିର୍ଣ୍ଣୟ କରିବା ମାନବିକ ମାନସର ନିରୂପଣ ମଧ୍ୟ ସ୍ଥିର  ବା ଅପରିବର୍ତ୍ତନୀୟ ନୁହେଁ। ତେଣୁ ପରିବର୍ତ୍ତନକୁ ଲକ୍ଷ୍ୟ କରି ସଂସାରର ଜଟିଳ ଆଲୋଡ଼ନ ମଧ୍ୟରେ ସରଳ ଓ ସ୍ୱଚ୍ଛନ୍ଦ ଜୀବନଯାପନ ପ୍ରଣାଳୀ ପାଇଁ ଯେଉଁମାନେ ସନ୍ଧାନ କରୁଥିଲେ ସେମାନେ ସତ୍ୟସାଧକ ସନ୍ନ୍ୟାସୀ।

ସନ୍ନ୍ୟାସ ଓ ସଂସାର ମଧ୍ୟରେ ସଂଯୋଜକ ସତ୍ୟ-ଉପଲବ୍ଧି। ତାହା ମଧ୍ୟ ବିନା ସାଧନାରେ ସମ୍ଭବ ନୁହେଁ। ଜୀବନର ପ୍ରକାଶ ଓ ବିକାଶର ନୀତି ଓ ଗତିକୁ ଲକ୍ଷ୍ୟ କରି ସତ୍ୟସାଧକମାନେ ଆତ୍ମୋପଲବ୍ଧିର ପଥରେ ଆତ୍ମଚୈତନ୍ୟର ସ୍ଥିତି ନିର୍ଣ୍ଣୟ କରିଥିଲେ । ସେମାନଙ୍କର ଅଭିବ୍ୟକ୍ତି ଜାଗରଣ ମନ୍ତ୍ର ଭାବରେ ମାନବର ବିକାଶ ଓ ଜୀବନର ଯଥାର୍ଥ ଉପଲବ୍ଧି ପାଇଁ ଉଦ୍ଦିଷ୍ଟ। ତାହା କେବେ ପ୍ରକାଶିତ ହୋଇଥିଲା ଯଦିଓ ନିଶ୍ଚିତ ଭାବେ ନିର୍ଣ୍ଣିତ ହୋଇନାହିଁ; ତେବେ ତାହା ଯେ ପୁରାତନ ଜୀବନଚର୍ଯ୍ୟାରୁ ଏ ପର୍ଯ୍ୟନ୍ତ ଅମ୍ଳାନ ରହିଛି ସେଥିରେ ସନ୍ଦେହ ନାହିଁ, କାରଣ ଏ ପର୍ଯ୍ୟନ୍ତ ଯେଉଁମାନେ ସେ ମନ୍ତ୍ରର ଅନ୍ତର୍ନିହିତ ପଥ ଓ ପାଥେୟ ଅନୁସାରେ ସ୍ୱୀୟ ଗତିପଥ ନିର୍ଣ୍ଣୟ କରିଛନ୍ତି ସେମାନେ ଲକ୍ଷ୍ୟରେ ସାଫଲ୍ୟ ଲାଭ କରିଛନ୍ତି। ସେ ସାଫଲ୍ୟର ନିର୍ଯାସ ଆତ୍ମୋନ୍ମିଳନ।

ଆତ୍ମୋନ୍ମିଳନର ତାତ୍ପର୍ଯ୍ୟ ହେଉଛି ବ୍ୟକ୍ତିର ଆତ୍ମା ବିଶ୍ୱାତ୍ମାର ଅଂଶ। ସ୍ରଷ୍ଟା ପରମାତ୍ମା ହେଉଛନ୍ତି ବିଶ୍ୱାତ୍ମା। ବିଶ୍ୱାତ୍ମା ବା ପରମାତ୍ମାଙ୍କୁ ଉପଲବ୍ଧି କରିବା ପାଇଁ ବ୍ୟକ୍ତି ମାନବର ସକଳ କର୍ମର ଧାରା ସୃଜନଶୀଳ ସତ୍ୟବୋଧ ଦ୍ୱାରା ନିୟନ୍ତ୍ରିତ ହେବା ପ୍ରୟୋଜନ। ଏହା ହେଉଛି ବ୍ରହ୍ମବିଦ୍ୟାର ଦିଗଦର୍ଶନ ଓ ଜ୍ଞାନାଲୋକର ପ୍ରତିଫଳନ। ବ୍ରହ୍ମବିଦ୍ୟା ବ୍ୟତୀତ ଅନ୍ୟ କେଉଁ ବିଦ୍ୟା ଯଥାର୍ଥ ବିଦ୍ୟାଭାବେ ଜୀବନର ବୋଧଗତ ସ୍ୱୀକୃତି ଲାଭ କରିଛି ?

"ବ୍ରହ୍ମବିଦ୍ୟା"ର ଉକ୍ତି ହେଉଛି "ବ୍ରହ୍ମ ସତ୍ୟ ଜଗନ୍ମିଥ୍ୟା, ଜୀବ ବ୍ରହ୍ମୈବ ନାପର"। ବ୍ରହ୍ମରୁ ଜାତ ବ୍ରହ୍ମାଣ୍ଡର ପ୍ରତିଟି ଅଣୁ, ପରମାଣୁଠାରୁ ଆରମ୍ଭ କରି ରୂପ ଓ ରୂପାୟନ, ଜୀବନ ଓ ଜଗତର ସାମଗ୍ରିକ ସ୍ଥିତି ଓ ଗତି ଏଥିରେ ଉଦ୍ଦିଷ୍ଟ। ପୃଥିବୀର ଜୀବନ ସତ୍ତା ଅପାର୍ଥିବ। ବ୍ରହ୍ମଙ୍କର ଧାରଣ ଶକ୍ତି ହେଉଛି ଧର୍ମ, ଜ୍ଞାନ, ବିଜ୍ଞାନ । କ୍ରମଶଃ ସେହି ଶକ୍ତି କ୍ରିୟାଶୀଳ ଯୋଗୁଁ ପୃଥିବୀର ଜୀବ ମାନବ ଅକାଶର ଗ୍ରହ, ନକ୍ଷତ୍ରମାନଙ୍କର ସ୍ଥିତି ଓ ଗତି ବିଷୟରେ ଜ୍ଞାନ ଲାଭ ନିମନ୍ତେ ଚେଷ୍ଟା ଅବ୍ୟାହତ ରଖିଛି। ବର୍ତ୍ତମାନର ମାନବ ପାଇଁ ଏହା ଅଭିନବ ପ୍ରୟାସ; ମାତ୍ର ଏହା ପୂର୍ବରୁ ଯେଉଁ କାଳ ବିତି ଯାଇଛି ସେ ସମୟରେ ଭଗବାନ ଶ୍ରୀରାମ ଓ ଭଗବାନ

ଶ୍ରୀକୃଷ୍ଣ ଧରାରେ ଜୀବର ଉଦ୍‌ବର୍ତ୍ତନ ପାଇଁ ଧର୍ମର ସଂସ୍ଥାପନ ନିମନ୍ତେ ଯୁଦ୍ଧ କ୍ଷେତ୍ରରେ ଧର୍ମଶକ୍ତିର ଜାଗରଣ ଓ ବିଜୟ ନିମନ୍ତେ ତପସ୍ୟା କରୁଥିଲେ। ଏବେ ବୈଜ୍ଞାନିକ ମାନେ ମଧ୍ୟ ଜଟିଳ ସମସ୍ୟାର ସମାଧାନ ନିମନ୍ତେ ଗବେଷଣା ଗବେଷଣାଗାରରେ ତପମଗ୍ନ ହୋଇ ସମାଧାନ ସୂତ୍ର ଲାଭ କରୁଛନ୍ତି। ତେଣୁ ବ୍ରହ୍ମବିଦ୍ୟା ହିଁ ସତ୍ୟବୋଧ ନିମନ୍ତେ ଜୀବନବୋଧର ବିଦ୍ୟା। ଜୀବନର ପ୍ରକାଶ ଅକଳନୀୟ। ଜୀବନ ସୂତ୍ର ବୈଚିତ୍ର୍ୟମୟ, ଏହାର ଧାରଣ ଶକ୍ତି ଅନବଦ୍ୟ। ଗତି ବିଚକ୍ଷଣ। ବିଭିନ୍ନ ନାମରେ ଥିବା ଧର୍ମମାନଙ୍କର ଗଭୀର ତତ୍ତ୍ୱମାନଙ୍କୁ ବିଶ୍ଳେଷଣ କଲେ ବୋଧ ହେବ ସତ୍ୟ, ଧର୍ମ, ଏକ। ସେଥିପାଇଁ ବ୍ରହ୍ମବିଦ୍ୟା ଉପଲବ୍‌ଧିରେ "ସତ୍ୟାତ୍‌ନାସ୍ତି ପରୋଧର୍ମ"। ଏହା ଅନିର୍ବଚନୀୟ। ଏହାର ବିଶ୍ଳେଷଣ ଓ ବିନ୍ୟାସର ଶେଷ ନାହିଁ।

ବ୍ରହ୍ମବିଦ୍ୟା ସମିତି ପ୍ରତିଷ୍ଠା ହେବା ପରେ ପ୍ରତିଷ୍ଠାତ୍ରୀ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ବ୍ରହ୍ମବିଦ୍ୟା ବିଷୟରେ ରଚନା ଓ ଅନ୍ୟାନ୍ୟ ଧର୍ମାଶ୍ରୟୀ ଆନିବେସାନ୍ତ ଆଇ. କେ. ତୈମିନି, ଏନ୍. ଶ୍ରୀରାମଙ୍କ ସମେତ ବହୁ ଲେଖକ ବହୁ ପୁସ୍ତକ ରଚନା କରିଛନ୍ତି। ଏତଦ୍ ବ୍ୟତୀତ ବ୍ରହ୍ମବିଦ୍ୟା ସମିତିର ପାଠାଗାରରେ ଯେଉଁ ପୁରାତନ ଗ୍ରନ୍ଥମାନ ରହିଛି, ତାହା ବିଦ୍ୟାର ଭଣ୍ଡାର ବୋଲି ସ୍ୱୀକୃତ ହୋଇସାରିଛି। ତେଣୁ ବିଦ୍ୟାର ଅଭାବ ନାହିଁ। ଯାହା ଆବଶ୍ୟକ ତାହା ହେଉଛି ବ୍ରହ୍ମବିଦ୍ୟା ସଂବଧୀୟ ଜ୍ଞାନ ଓ ଉପଲବ୍ଧି ପାଇଁ ସେ ସମ୍ବନ୍ଧୀୟ ରଚନାମାନ ଅଧ୍ୟୟନ କରିବା ଓ ତଦନୁଯାୟୀ ଜୀବନର ଯାତ୍ରାପଥ ନିର୍ଣ୍ଣୟ ପୂର୍ବକ ବିଶ୍ୱଭ୍ରାତୃତ୍ୱ ଚିତ୍ତ ଓ ଚେତନାରେ ପୋଷଣ କରିବା ଏହା ହିଁ ବ୍ରହ୍ମବିଦ୍ୟା।

ପରମାତ୍ମା ଶ୍ରୀକୃଷ୍ଣ ଶ୍ରୀମଦ୍‌ଭାଗବଦ୍ ଗୀତାରେ କହିଛନ୍ତି ଅର୍ଜୁନଙ୍କୁ ସମ୍ବୋଧନ କରି-

"ଅହମାତ୍ମ ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ
ଅହଂ ଆଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ"

(ଦର୍ଶମ ଅଧ୍ୟାୟ-ଶ୍ଳୋକ-୨୦)

"ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି
ତସ୍ୟାହଂ ନ ପ୍ରଣଶ୍ୟମି ସ ଚ ମେନ ପ୍ରଣଶ୍ୟତି"

(ଷଷ୍ଠ ଅଧ୍ୟାୟ - ଶ୍ଳୋକ-୩୦

**ବିନୋଦ ବିହାରୀ ପଲାଇ**
ସଂପାଦକ

# ଜୀବନ ବେଶ୍ ଅର୍ଥପୂର୍ଣ୍ଣ

**ଡଃ ଫକୀର ମୋହନ ସାହୁ**

ଜୀବନର ସବୁଠାରୁ ବଡ଼ ଦ୍ୱନ୍ଦ୍ୱ ହେଉଛି ସାର୍ଥକତା ଓ ନିରର୍ଥକତା ମଧ୍ୟରେ ଉପୁଜୁଥିବା ଦ୍ୱନ୍ଦ୍ୱ। କେତେକ ବ୍ୟକ୍ତି ଜୀବନକୁ ବେଶ୍ ଅର୍ଥପୂର୍ଣ୍ଣ ବିଚାର କରୁଥିବା ସ୍ଥଳେ ଅନ୍ୟ କେତେକ ବ୍ୟକ୍ତି ଏହା ଅର୍ଥହୀନ ମନେକରନ୍ତି। ଅର୍ଥହୀନ ବିଚାର କରୁଥିବା ବ୍ୟକ୍ତିମାନେ ବିଷାଦରେ ଘାଣ୍ଟି ହୁଅନ୍ତି। ଏପରି ଭାବ ଓ ଭାବନାର ବିପର୍ଯ୍ୟୟ ମାତ୍ରାଧିକ ହେଲେ ଆତ୍ମହତ୍ୟାର ଚିନ୍ତା ବେଳେବେଳେ ଉଙ୍କିମାରେ।

କିନ୍ତୁ ଜୀବନ ପ୍ରକୃତରେ ଅର୍ଥପୂର୍ଣ୍ଣ କି ଅର୍ଥହୀନ ତାହାର ଉତ୍ତର ଦେବା ପୂର୍ବରୁ ଆଗକୁ ସାର୍ଥକତାର ସଂଜ୍ଞା ନିରୂପଣ କରିବାକୁ ହେବ। ହୁଏତ ବିଭିନ୍ନ ବିଶେଷଜ୍ଞ ସାର୍ଥକତାର ପୃଥକ ପୃଥକ ସଂଜ୍ଞା ବ୍ୟକ୍ତ କରିବେ; ମାତ୍ର ସଂଜ୍ଞା ସବୁର ବିଶ୍ଳେଷଣ କଲେ ଚାରୋଟି ଉପାଦାନ ସ୍ପଷ୍ଟ ହେବ।

ପ୍ରଥମତଃ ଅର୍ଥପୂର୍ଣ୍ଣ ଜୀବନ ହେଉଛି ଲକ୍ଷ୍ୟ ପ୍ରେରିତ ବା ଉଦ୍ଦେଶ୍ୟ ପ୍ରଣୋଦିତ ଜୀବନ। ସାର୍ଥକତାର ଅନ୍ୱେଷଣ ମଣିଷକୁ କିପରି ମାନବତ୍ୱରରୂପ ଦିଏ, ସେ ପରିପ୍ରେକ୍ଷୀରେ ବିଶିଷ୍ଟ ମନୋବିଜ୍ଞାନୀ ତଥା ମନୋଚିକିତ୍ସକ (ସର୍ବୋପରି ପୋଲାଣ୍ଡର ଅସ୍‌ଉଇଜ୍ ନାରକୀୟ ନାଜୀ ଯନ୍ତ୍ରଣା-ଶିବିରରୁ ବିଶ୍ୱଯୁଦ୍ଧପରେ ମୁକ୍ତି ପାଇଥିବା ଇହୁଦି ଚିନ୍ତାନାୟକ) ଭିକ୍ଟର ଫ୍ରାଙ୍କଲ୍ କହନ୍ତି ଯେ ଗୋଟିଏ ବ୍ୟୋମଯାନ ହୁଏତ କିଛି ସମୟ ପାଇଁ ଭୂମିରେ ରହିଥାଇପାରେ ମାତ୍ର ଭୂମିରେ ସ୍ଥିର ରହିବା ବ୍ୟୋମଯାନର ଉଦ୍ଦେଶ୍ୟ ନୁହେଁ। ଏହା ଭୂମି ତ୍ୟାଗ କରି ବାୟୁମଣ୍ଡଳରେ ଗତି କଲେ ହିଁ ବ୍ୟୋମଯାନ ପ୍ରକୃତ ବ୍ୟୋମଯାନର ସ୍ୱରୂପ ଗ୍ରହଣ କରେ। ସେହିପରି ଗୋଟିଏ ଜଳ ଜାହାଜ ବନ୍ଦରରେ ରହିପାରେ; ମାତ୍ର ବନ୍ଦରରେ ରହିବା ପାଇଁ ଜଳଜାହାଜ ନିର୍ମିତ ହୋଇନାହିଁ। ସାଗର ବକ୍ଷରେ ଗତି କରିବାରେ ହିଁ ଜଳଜାହାଜର ସାର୍ଥକତା। ପୁଣି ଲକ୍ଷ୍ୟ ବା ଉଦ୍ଦେଶ୍ୟଟି ବିରାଟ ବା ମହତ୍ତର ହେବା ଆବଶ୍ୟକ। ଗୋଟିଏ ମହତ୍ତର ଲକ୍ଷ୍ୟକୁ ଆଶ୍ରୟ କରି ଅନେକ ଛୋଟ ଛୋଟ ଲକ୍ଷ୍ୟ ରଖାଯାଇପାରେ। ଉଦାହରଣ ସ୍ୱରୂପ

ସେବାକାର୍ଯ୍ୟର ଲକ୍ଷ୍ୟକୁ ମାନି ନେଇଥିବା ବ୍ୟକ୍ତି ହୁଏତ ଦୀନ ଦରିଦ୍ରର ସେବା, ଅସହାୟ ବ୍ୟକ୍ତିର ସେବା ଏବଂ ଦୁର୍ବିପାକଗ୍ରସ୍ତ ଲୋକମାନଙ୍କର ସେବା ବାଛି ନେଇପାରନ୍ତି। କିନ୍ତୁ ଏଠାରେ ଲକ୍ଷ୍ୟ ଏକ ଓ ଅଭିନ୍ନ। ବହୁତ ଲକ୍ଷ୍ୟ ପଛରେ ଗୋଡ଼ାଉଥିବା ବ୍ୟକ୍ତି ସାର୍ଥକତା ଅନୁଭବ କରିନଥାଏ। ଓଡ଼ିଶାର ବିଶିଷ୍ଟ ମନୋବିଜ୍ଞାନୀ ସମାଜବିଜ୍ଞାନୀ ତଥା ଦାର୍ଶନିକ ଚିତ୍ତରଞ୍ଜନ ଦାସ କହୁଥିଲେ, "ଲକ୍ଷ୍ୟହୀନ ଲୋକର ଅନେକ ଲକ୍ଷ୍ୟ।" ସୁତରାଂ ଲକ୍ଷ୍ୟ ବା ଜୀବନ-ଉଦ୍ଦେଶ୍ୟର ବଳିଷ୍ଠତା ସାର୍ଥକତାର ଏକ ମୁଖ୍ୟ ଉପାଦାନ।

ସାର୍ଥକ ଜୀବନର ଦ୍ୱିତୀୟ ଉପାଦାନଟି ହେଉଛି ସଂଗତିର ଅନୁଭବ। ଜୀବନକୁ ଅର୍ଥପୂର୍ଣ୍ଣ ବିଚାର କରୁଥିବା ଲୋକମାନେ ଅନୁଭବ କରନ୍ତି ଯେ, ଜୀବନରେ କିଛି ପରିମାଣର ଶୃଙ୍ଖଳା ରହିଛି; ସଂଗତି ଥିବାରୁ ପୂର୍ବାନୁମାନ ମଧ୍ୟ ସମ୍ଭବ। ଆଣ୍ଟୋନୋଭସ୍କି ନାମକ ଜଣେ ସମାଜବିଜ୍ଞାନୀ ପ୍ରାକୃତିକ ଦୁର୍ବିପାକ (ବାତ୍ୟା, ବନ୍ୟା, ଅଗ୍ନ୍ୟୁତ୍ପାତ ଓ ଭୂମିକମ୍ପ) ଦ୍ୱାରା ବିପର୍ଯ୍ୟସ୍ତ ହୋଇଥିବା ଲୋକମାନଙ୍କର ପୁନର୍ବସତି କାର୍ଯ୍ୟ ତଦାରଖ କରୁଥିଲେ। ଏପରି ଲୋକମାନେ ପ୍ରାୟ କେଇ ସପ୍ତାହ ପୂର୍ବରୁ ଦୁର୍ବିପାକର ଶରବ୍ୟ ହୋଇଥିଲେ। ଆଣ୍ଟୋନୋଭାସ୍କି ସେମାନଙ୍କ ସହିତ ସାକ୍ଷାତକାର ମାଧ୍ୟମରେ ସେମାନଙ୍କର ପ୍ରକୃତ ଚାହିଦା ଆକଳନ କରୁଥିଲେ। ଆଣ୍ଟୋନୋଭସ୍କି ଭାବୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଭାରାକ୍ରାନ୍ତ ଥିବେ ସେମାନଙ୍କ ମୁଖମଣ୍ଡଳରେ ବିଷାଦ ପ୍ରତିଫଳିତ ହେଉଥିବ, କଥାବାର୍ତ୍ତାରେ ବ୍ୟଥାର ସ୍ପର୍ଶ ଥିବ। ମାତ୍ର ଗବେଷକ ଦେଖିଲେ ଯେ ବେଶ୍ ସଂଖ୍ୟକ ଲୋକମାନଙ୍କର ଆଚରଣରେ ଏହା ପ୍ରତିବିମ୍ବିତ ହେଲେ ମଧ୍ୟ କିଛି ଲୋକ ବେଶ୍ ସତେଜ ଅଛନ୍ତି। ସେମାନଙ୍କ ମୁଖରେ ସ୍ମିତହସ ଲାଖିରହିଛି। ସେମାନେ ଥଟ୍ଟା ପରିହାସ କରୁଛନ୍ତି। ସ୍ୱାଭାବିକତା ବଜାୟ ରଖିଛନ୍ତି। ଏହା ଗବେଷକଙ୍କୁ ବିସ୍ମିତ କଲା।

ଆଣ୍ଟୋନୋଭସ୍କି ଏପରି ଲୋକମାନଙ୍କୁ ବିଷାଦଗ୍ରସ୍ତ ମୁଖ୍ୟସ୍ରୋତରୁ ଅଲଗା କରି ଗଭୀର ଭାବରେ ତୀକ୍ଷ୍ଣଦୃଷ୍ଟିରେ ପର୍ଯ୍ୟବେକ୍ଷଣ କଲେ। ଜୀବନର ଦୁର୍ଦ୍ଦିନ ମଧ୍ୟରେ ସେମାନେ କିପରି ହସି ପାରୁଛନ୍ତି, ତାହାର

କାରଣ ପଚାରିଲେ। ଏପରି ସୂକ୍ଷ୍ମ ସାକ୍ଷାତକାର ମାଧ୍ୟମରେ ତାଙ୍କର ହୃଦ୍‌ବୋଧ ହେଲା ଯେ ଭିନ୍ନ ମନୋଭାବର ଏପରି ଲୋକମାନଙ୍କର ଏକ ନିଜ ଶୈଳୀ ରହିଛି। ଏମାନେ ଦୁର୍ଦ୍ଦିନ ସବୁକୁ ପୂରାପୂରି ଭୟାନକ ବିଚାର ନ କରି ଆହ୍ୱାନପୂର୍ଣ୍ଣ ବିଚାର କରିଛନ୍ତି। ଜୀବନରେ ଦୁର୍ଦ୍ଦିନ ଆସିଛି ସତ, କିନ୍ତୁ ତାର ମୁକାବିଲା କରିହେବ। ଜୀବନ ପୂରାପୂରି ଗୋଳମାଳିଆ (Chaotic) ନୁହେଁ, ଏଥିରେ ଏକ ଶୃଙ୍ଖଳା ଅଛି, ସଂହତି (Coherence) ରହିଛି । ସୁତରାଂ ଆଗାମୀ ଜୀବନରେ ପୂର୍ବାନୁମାନ (Prediction) ସମ୍ଭବ ଏବଂ ସୁଖମୟତା ସମ୍ଭବ। ମୋଟ ଉପରେ ଏପରି ଏକ ସଂହତିରେ ବିଶ୍ୱାସ ଓ ନିୟନ୍ତ୍ରଣର ବିଶ୍ୱାସ ଅର୍ଥପୂର୍ଣ୍ଣ ଜୀବନରେ ଦ୍ୱିତୀୟ ଉପାଦାନ।

ଅର୍ଥପୂର୍ଣ୍ଣ ଜୀବନରେ ତୃତୀୟ ଉପାଦାନଟି ହେଉଛି ସାମାଜିକ ସଂପର୍କଶୀଳତା। ଯେଉଁମାନେ ଜୀବନରେ ନିଜକୁ ଏକାକୀ ମନେ କରନ୍ତି, ନିଃସଙ୍ଗ ମନେକରନ୍ତି ସେମାନଙ୍କ ପାଇଁ ଜୀବନ କମ୍ ଅର୍ଥପୂର୍ଣ୍ଣ, ସଂପର୍କର ବଳୟ ମଧ୍ୟରୁ ବ୍ୟକ୍ତି ଯେତେବେଳେ ଧୀରେ ଧୀରେ ବାହାରିଯାଏ ତା'ର ନିରର୍ଥକତାର ଅନୁଭବ ସେତେବେଳେ ଅଧିକ ହୁଏ।

ଅର୍ଥପୂର୍ଣ୍ଣ ଜବନର ପରିପ୍ରେକ୍ଷୀରେ ଅନ୍ୟ ଏକ ଦିଗପ୍ରତି ସଚେତନ ରହିବାକୁ ହେବ। ସାର୍ଥକତାର ସଂଜ୍ଞା ପ୍ରସଙ୍ଗରେ ଉଚ୍ଚତର ଲକ୍ଷ୍ୟ (ବା ଆଭିମୁଖ୍ୟ), ନିୟନ୍ତ୍ରଣ ବିଶ୍ୱାସ ଓ ସଂପର୍କଶୀଳତାର କଥା ପୂର୍ବରୁ କୁହାଯାଇଥିଲେ ମଧ୍ୟ ଆଉ ଗୋଟିଏ ଉପାଦାନ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ତାହା ହେଉଛି ସକାରାତ୍ମକ ମିଜ୍ଞାସ (Positive Moods)। ଅନେକଲୋକ ମନେକରନ୍ତି ଯେ, ଜୀବନକୁ ଅର୍ଥପୂର୍ଣ୍ଣ ବିଚାର କରୁଥିବା ଲୋକମାନେ ଅପେକ୍ଷାକୃତ ଅଧିକ ସକରାତ୍ମକ ମିଜ୍ଞାସ ଦର୍ଶାନ୍ତି। ଏହା ସତ। ତେବେ ଭଲ ମିଜ୍ଞାସ କେବଳ ସାର୍ଥକ ଜୀବନର ପରିଣତି ନୁହେଁ; ଏହା ସାର୍ଥକ ଜୀବନର କାରଣ ମଧ୍ୟ ହୋଇଥାଏ।

ଭଲ ମିଜ୍ଞାସର ତାତ୍ପର୍ଯ୍ୟ ହେଉଛି ଯେ ସାର୍ଥକ ଜୀବନ ପାଇଁ ବ୍ୟକ୍ତିକୁ ମଧ୍ୟମ ମାତ୍ରାର ସକାରାତ୍ମକ ଆବେଗ (ହସ, ଖୁସି, ଆନନ୍ଦ, କରୁଣା, ପ୍ରୀତି ଇତ୍ୟାଦି) ଅନୁଭବ କରିବାକୁ ହେବ। ମଧ୍ୟମ ମାତ୍ରାର

ଆବେଗ ଉପରେ ପ୍ରାଧାନ୍ୟ ଦେବାର କାରଣ ହେଉଛି ଯେ ତୀବ୍ର ଭାବାବେଗର ପ୍ରଭାବ ଦୀର୍ଘସ୍ଥାୟୀ ହୋଇନଥାଏ। ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ହୁଏତ ଲଟେରୀ ଜିତି ଅତ୍ୟଧିକ ଆନନ୍ଦିତ ହୁଏ। ମାତ୍ର କ୍ରମଶଃ ସେ ଧୀରେ ଧୀରେ ପୂର୍ବ ଅବସ୍ଥାକୁ ଫେରିଆସେ। ଅନ୍ୟପକ୍ଷରେ ମଧ୍ୟମ ଧରଣର ଆବେଗ ଅନୁଭବର ବାରମ୍ବାରତା (Frequency) ଅଧିକ କାମଦିଏ। ସମୟ ସମୟରେ ଭଲଗୀତ ଶୁଣିବା, ଭଲବହି ପଢ଼ିବା ଏବଂ ରମ୍ୟରଚନା ପଢ଼ିବା ଭଳି ମଧ୍ୟମ ମାତ୍ରାର ଅନୁଭବର ପୁନରାବୃତ୍ତି ଅଧିକ ଫଳପ୍ରଦ ହୁଏ। ଜୀବନକୁ ଅର୍ଥପୂର୍ଣ୍ଣ ବିଚାର କରୁଥିବା ବ୍ୟକ୍ତିମାନେ ଏହିପରି ଛୋଟ ଚୋଟ ଆନନ୍ଦାନୁଭବ ଦିଗରେ ଅଧିକ ପ୍ରଯତ୍ନଶୀଳ ହୁଅନ୍ତି। ସେମାନେ ନିର୍ମଳ ଆକାଶରେ ପୂର୍ଣ୍ଣଚନ୍ଦ୍ର ଦେଖି ଖୁସି ହୁଅନ୍ତି। ଉଡ଼ିଯାଉଥିବା ବଳୀକା ଦେଖି ଆନନ୍ଦିତ ହୁଅନ୍ତି। ଅତିଥି ଆସିଲେ ସ୍ମିତହାସ ଦର୍ଶାନ୍ତି। ଏହି ଛୋଟ ଛୋଟ ଆନନ୍ଦାନୁଭୂତି ହିଁ ଜୀବନକୁ ଅର୍ଥପୂର୍ଣ୍ଣ କରବାରେ ସହାୟକ ହୁଏ।

ସାର୍ଥକ ଜୀବନରେ ଯେଉଁ ମନସ୍ତାତ୍ତ୍ୱିକ ପରିଭାଷାର ସୂଚନା ଦିଆଗଲା, ସେ ଚାରୋଟି ଉପାଦାନର ସାର୍ଥକତା କେବଳ ତାତ୍ତ୍ୱିକ ସ୍ତରରେ ସୀମିତ ନୁହେଁ। ବ୍ୟବହାରିକ ଓ ପ୍ରୟୋଗାତ୍ମକ ପରୀକ୍ଷା ମାଧ୍ୟମରେ ମଧ୍ୟ ସେଗୁଡ଼ିକ ପ୍ରମାଣିତ ହୋଇସାରିଛି।

ପ୍ରଥମେ ଲକ୍ଷ୍ୟବିଦ୍ଧତାର କଥା ବିଚାର କରାଯାଉ। ଜଣେ ବ୍ୟକ୍ତିର ଲକ୍ଷ୍ୟ କେତେ ସୁନିର୍ଦ୍ଦିଷ୍ଟ ଏବଂ କେତେ ମହତ୍ତ୍ୱପୂର୍ଣ୍ଣ ତାହା ଆକଳନ କରିବା ଅସମ୍ଭବ ନୁହେଁ। ପିଲାଙ୍କ ପାଇଁ ଲେଖାଯାଇଥିବା "ଆଲିସ୍ ଇନ୍ ଦି ଓ୍ୱଣ୍ଡରଲ୍ୟାଣ୍ଡ" ପୁସ୍ତକରେ ବହୁବାକ୍ୟ ବେଶ୍ ଅର୍ଥପୂର୍ଣ୍ଣ। ଗୋଟିଏ ସ୍ଥାନରେ ଆଲିସ୍ ସଂବାଲୁଆକୁ ପଚାରିଛି, "ମୁଁ କେଉଁ ବାଟରେ ଯିବି?" ସଂବାଲୁଆ କହିଛି– "ତାହା ତୁମର ଗନ୍ତବ୍ୟସ୍ଥଳ ଉପରେ ନିର୍ଭର କରେ" ଆଲିସ୍ କହିଛି– ଗନ୍ତବ୍ୟ ସ୍ଥଳ ସଂପର୍କରେ ମୋର କିଛି ଧାରଣା ନାହିଁ।" ତା'ପରେ ସଂବାଲୁଆ କହିଛି, "ତେବେ ଯେଉଁ ବାଟରେ ଗଲେ ଚଳିବ।" ଏହାର ତାତ୍ପର୍ଯ୍ୟ ଆପଣମାନେ ବୁଝିପାରୁଥିବେ। ଆପଣଙ୍କ ଜୀବନର ଲକ୍ଷ୍ୟ କ'ଣ, ଏ ବିଷୟରେ ଆପଣଙ୍କର ସ୍ପଷ୍ଟଧାରଣା ଥିବା ପ୍ରୟୋଜନ।

ଲକ୍ଷ୍ୟଟି କେତେ ମହତ୍ତ୍ୱପୂର୍ଣ୍ଣ, ତାହାର ବିଚାର ଆଲୋଚନା ନେଇ ବହୁ କଥାରୁ ଅବତାରଣା କରାଯାଇପାରେ। କିନ୍ତୁ ସାରମର୍ମ ହିସାବରେ ଗୋଟିଏ ସିଦ୍ଧାନ୍ତର ସୂଚନା ଦିଆଯାଇପାରେ। ଯେଉଁ ଲକ୍ଷ୍ୟସାଧନ ଯେତେବଡ଼ ବୃହତ୍ତର ଜନସମାଜର ମଙ୍ଗଳ ସାଧନରେ ନିୟୋଜିତ ହୁଏ, ସେ ଲକ୍ଷ୍ୟଟି ସେତିକି ମହତ୍ତର ବୋଲି ବିଚାର କରାଯାଇପାରେ। ଏ ଦୃଷ୍ଟିରୁ ଅହଂକେନ୍ଦ୍ରୀ ଜୀବନ ଯାପନ କରୁଥିବା ଏବଂ "ମୁଁ-ରାଇଜ"ରୁ ବାହାରି ନଥିବା ଲୋକମାନେ ଅର୍ଥପୂର୍ଣ୍ଣ ଜୀବନର ଅନୁଭବ ପାଇନଥାନ୍ତି।

ସଂହତିର ଅନୁଭବ ଆମର ସାର୍ଥକତାର ଅନୁଭୂତିକୁ କିପରି ସୁପ୍ରଭାବିତ କରେ ତାହାର ଏକ ପରୀକ୍ଷାମୂଳକ ପ୍ରମାଣ ମନୋବିଜ୍ଞାନୀମାନେ କରିଛନ୍ତି। ସେମାନେ ଗବେଷଣାଗାରର ନିୟନ୍ତ୍ରିତ ପରିବେଶ ମଧ୍ୟରେ ପ୍ରୋଜେକ୍ଟରରେ ଅନେକଗୁଡ଼ିଏ ଛବି ଦେଖାଇଲେ। ଛବିଗୁଡ଼ିକ ଦେଖିସାରିବା ପରେ ସେମାନଙ୍କଠୁ ମନ୍ତବ୍ୟ ପ୍ରକାଶ କରିବାର ସୁଯୋଗ ଦିଆଯିବ ବୋଲି ଗବେଷକମାନେ କହିଲେ। ପ୍ରକୃତ ଉଦ୍ଦେଶ୍ୟ କିନ୍ତୁ ଭିନ୍ନ ଥିଲା। ଛବିଗୁଡ଼ିକ ପ୍ରାକୃତିକ ଦୃଶ୍ୟ-ସମ୍ବଳିତ ଥିଲା। ଗୋଟିଏ ଦଳ ପାଇଁ ଶୃଙ୍ଖଳିତ କ୍ରମରେ। ବର୍ଷରେ ପର୍ଯ୍ୟାୟକ୍ରମେ ପରିବର୍ତ୍ତିତ ହେଉଥିବା ଋତୁଚକ୍ର ଅନୁସାରେ) ଛବିଗୁଡ଼ିକ ଗୋଟିଏ ପରେ ଗୋଟିଏ ଦେଖାଗଲା। ଅନ୍ୟପକ୍ଷରେ ଦ୍ୱିତୀୟ ଦଳର ଲୋକମାନଙ୍କ କ୍ଷେତ୍ରରେ ସେ ସମସ୍ତ ଛବି ଗୋଟିଏ ପରେ ଗୋଟିଏ ଦେଖାଗଲା । କିନ୍ତୁ କ୍ରମାନ୍ୱୟତାରେ କେତୋଟିର ଶୃଙ୍ଖଳା ନ ଥିଲା। (ହୁଏତ ପ୍ରଥମେ ଶୀତକାଳୀନ ତା'ପରେ ଗ୍ରୀଷ୍ମକାଳୀନ ତା'ପର ବସନ୍ତକାଳୀନ ଇତ୍ୟାଦି)। ଛବିସବୁ ଦେଖାଇବା ପରେ ମନସ୍ତାତ୍ତ୍ୱିକ ପରିମାପକ ମାଧ୍ୟମର ସେମାନେ ଜୀବନକୁ କେତେ ଅର୍ଥପୂର୍ଣ୍ଣ ବିଚାର କରନ୍ତି, ତାହାର ପରିମାପ କରାଗଲା। ଲକ୍ଷ୍ୟ କରାଗଲା ଯେ ଛବିଗୁଡ଼ିକ ମାଧ୍ୟମରେ ସଂହତିର ଅନୁଭବ ପାଇଥିବା ପ୍ରଥମ ଦଳର ଲୋକମାନେ ଜୀବନକୁ ଅପେକ୍ଷାକୃତ ଅଧିକ ଅର୍ଥପୂର୍ଣ୍ଣ ବିଚାର କରୁଛନ୍ତି।

ସଂପର୍କଶୀଳତାର ସକାରାତ୍ମକ ଅନୁଭବର ସୁପ୍ରଭାବ ଏବଂ ସଂପର୍କହୀନତାର କୁପ୍ରଭାବ ଆମର ଦୈନନ୍ଦିନ ଜୀବନରେ ସ୍ପଷ୍ଟ ଅନୁଭୂତ।

ତଥାପି ମନୋବିଜ୍ଞାନୀମାନେ ଗବେଷଣାଗାରର କୃତ୍ରିମ ପରିବେଶରେ ଦଳଗତ ପରିବେଶରେ ଲୋକର ପ୍ରୀତିପ୍ରଦ ଅନୁଭବର ସୁପ୍ରଭାବର ପ୍ରମାଣିକତା ଲକ୍ଷ୍ୟ କରିଛନ୍ତି। ସେହିପରି ଦଳଗତ ପରିପ୍ରେକ୍ଷୀରେ ବ୍ୟକ୍ତି ତିକ୍ତ ଅନୁଭବ ପାଇଲେ ତାହା କିପରି କୁପ୍ରଭାବ ସୃଷ୍ଟିକରେ, ତାହା ମଧ୍ୟ ଦେଖିଛନ୍ତି। ସୁତରାଂ ସାର୍ଥକ ଜୀବନର ପରିପ୍ରେକ୍ଷୀରେ ବନ୍ଧୁତ୍ୱ, ଅନ୍ତରଙ୍ଗତା ଏବଂ ସଂପର୍କଶୀଳତାର ପ୍ରାଧାନ୍ୟକୁ ସ୍ୱୀକାର କରିବାକୁ ହେବ।

ପରିଶେଷରେ କୁହାଯିବ ଯେ ମଧ୍ୟମ ଧରଣର ସକାରାତ୍ମକ ଭାବାବେଗ (ପ୍ରୀତି, କରୁଣା, ଆନନ୍ଦ ଇତ୍ୟାଦି) ଅର୍ଥପୂର୍ଣ୍ଣ ଜୀବନ ପ୍ରତ୍ୟକ୍ଷତାର କାରଣ ଏବଂ ଫଳାଫଳ ମଧ୍ୟ ଅର୍ଥପୂର୍ଣ୍ଣ ଜୀବନ ସହିତ ସମ୍ପୃକ୍ତ ଚାରୋଟି ଉପାଦାନ (ମହତ୍ତର ଲକ୍ଷ୍ୟ, ସଂହତି ବା ନିୟନ୍ତ୍ରଣ ବିଶ୍ୱାସ ସଂପର୍କଶୀଳତା ଓ ମଧ୍ୟମ ମାତ୍ରାର ସକାରାତ୍ମକ ଭାବାବେଗ) ଆମର ସାଧନା ବହିର୍ଭୂତ ନୁହେଁ। ମାନବୀୟ ପ୍ରଚେଷ୍ଟା ମାଧ୍ୟମରେ ଚାରୋଟିର ଅନୁକରଣ ବିକାଶ ଓ ବିସ୍ତାର ବେଶ୍ ସମ୍ଭବପର। ଏ ଦୃଷ୍ଟିରୁ ବହୁଳଭାବରେ ଜୀବନକୁ ବେଶ୍ ଅର୍ଥପୂର୍ଣ୍ଣ ବିଚାର କରିବା ଏକ ସାଧାରଣ ବିଜ୍ଞତା ହେବ।

ରିସର୍ଚ୍ଚ ପ୍ରଫେସର
ଜାଭିୟର୍ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୧୩

❖❖❖

---

ଲେଖକ ଲକ୍ଷ୍ମୀନାରାୟଣ ଲଜ୍, ଭୁବନେଶ୍ୱରର ସଭ୍ୟ

# ପିମ୍ପୁଡ଼ିରୁ ପୁଲିଜର

**ଧ୍ରୁବ ପ୍ରସାଦ ପଣ୍ଡା**

ଏଡ୍‌ୱାର୍ଡ ଓସବର୍ଣ୍ଣ ୱିଲସନ ସାରା ଜୀବନ ମନ, ପ୍ରାଣ ଓହୃଦୟର ସହିତ ବିଜ୍ଞାନ ସେବାରେ ବ୍ରତୀ ହୋଇ ସାମାଜିକ ଜୈବବିଜ୍ଞାନ (Sociobilogy) ନାମକ ବିଜ୍ଞାନର ଏକ ନୂତନ ବିଭାଗର ମୂଳଦୁଆ ପକାଇଛନ୍ତି। ସେ ୧୦ ଜୁନ୍ ୧୯୨୯ରେ ବର୍ମିଂହୋମ, ଆଲାବାମାରେ ଜନ୍ମଗ୍ରହଣ କରି ଆଲାବାମା ବିଶ୍ୱବିଦ୍ୟାଳୟରୁ ଜୈବବିଜ୍ଞାନରେ ସ୍ନାତକୋତ୍ତର ଉପାଧି ପ୍ରାପ୍ତ ହୋଇ ହାଭାର୍ଡ ବିଶ୍ୱବିଦ୍ୟାଳୟରୁ ୧୯୫୫ରେ ଡକ୍ଟରେଟ୍ ଉପାଧି ପାଇଥିଲେ। ତାପରେ ସେ ସେହି ବିଶ୍ୱବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗରେ ଅଧ୍ୟାପକ ହୋଇ ଜନ୍ଦା ପିମ୍ପୁଡ଼ିମାନଙ୍କ ସାମାଜିକ ଜୀବନ ଓ ପରସ୍ପର ମଧ୍ୟରେ ଭାବ ବିନିମୟ ଉପରେ ଗବେଷଣା କରି ପୃଥିବୀର ଏକ ଅପ୍ରତିଦ୍ୱନ୍ଦ୍ୱୀ ବୈଜ୍ଞାନିକ ହୋଇ ପାରିଥିଲେ। ଅବଶ୍ୟ ତାଙ୍କ ଗବେଷଣା ସମଗ୍ର କୀଟ-ପତଙ୍ଗ ଜୀବନ ଉପରେ ଆଧାରିତ ଥିଲା। ହାଭାର୍ଡ ବିଶ୍ୱବିଦ୍ୟାଳୟରେ ସେ ତୁଳନାତ୍ମକ ପ୍ରାଣୀ ବିଜ୍ଞାନର ଯାଦୁଘରରେ କ୍ୟୁରେଟର ଦାୟିତ୍ୱ ନିର୍ବାହ କରିଥିଲେ। ୧୯୭୧ ମସିହାରେ ସେ "The Insect Societies" ପୁସ୍ତକ ରଚନା କରି ତାକୁ ଭିତ୍ତିଭୂମି କରି ଅନ୍ୟାନ୍ୟ ସାମାଜିକ ପ୍ରାଣୀମାନଙ୍କ ଜୀବନଶୈଳୀ ଅଧ୍ୟୟନ କରିଥିଲେ। ୧୯୭୫ରେ "Sociobiology" ପୁସ୍ତକ ରଚନା କରି ଏକ ପ୍ରଭାବଶାଳୀ ବୈଜ୍ଞାନିକ ରୂପେ ପ୍ରତିଷ୍ଠା ଲାଭ କରିଥିଲେ। ତାଙ୍କ ମତରେ କେବଳ ମଣିଷ ଏକ ସାମାଜିକ ପ୍ରାଣୀ ନୁହେଁ, ବରଂ ଜୀବ ଜଗତରେ କୀଟ-ପତଙ୍ଗ ଶ୍ରେଣୀରେ ମଧ୍ୟ ଅନେକ ସାମାଜିକ ଜୀବନ ଯାପନ କରନ୍ତି। ଏହି ପୁସ୍ତକର ଉପସଂହାରରେ ସେ ପତଙ୍ଗ ଜୀବନକୁ ଆଧାର କରି ମାନବ ଜୀବନର ସାମାଜିକ ମୂଲ୍ୟବୋଧ ନିରୁପଣ କରିବା ସମ୍ଭବ ବୋଲି ମତଦାନ କରି ତତ୍କାଳୀନ ବୈଜ୍ଞାନିକ ଓ ସମାଜଶାସ୍ତ୍ରୀଙ୍କ କଟୁ ସମାଲୋଚନାର ଶିକାର ହୋଇଥିଲେ। ୧୯୭୮ରେ ସେ ମାନବର ସାମାଜିକ ବ୍ୟବହାର ଉପରେ ସାମାଜିକ ଜୈବବିଜ୍ଞାନ ପ୍ରୟୋଗ କରି ଏକ ପୁସ୍ତକ ରଚନା କରି

ଥିଲେ "On Human Behaviour" ଏବଂ ୧୯୯୦ରେ ଜର୍ମାନ୍ ପ୍ରାଣୀବିଜ୍ଞାନୀ ରବର୍ଟ ହୋଲ୍‌ଡୋବ୍ଲରଙ୍କ ସହଭାଗିତାରେ "The Ants" ନାମକ ଏକ ପ୍ରକାଣ୍ଡ ପୁସ୍ତକ ରଚନା କରି ସାହିତ୍ୟରେ ପୁଲିଜର ପୁରସ୍କାର ପାଇ ପାରିଥିଲେ। ୧୯୯୮ରେ ସେ "Consilience" ନାମକ ଅନ୍ୟ ଏକ ପୁସ୍ତକ ରଚନା କରିଥିଲେ ଯାହା ସର୍ବାଧିକ ସଂଖ୍ୟାରେ ବିକ୍ରି ହେଉଥିବା ପୁସ୍ତକ ତାଲିକାରେ ସ୍ଥାନ ପ୍ରାପ୍ତ କରିଥିଲା।

ବାଲ୍ୟାବସ୍ଥାରେ ତାଙ୍କର ଦୁଇଟି ଦୁର୍ଘଟଣା ଘଟିଥିଲା ଯହିଁରୁ ଗୋଟିକରେ ସେ ଡାହାଣ ଚକ୍ଷୁ ହରାଇଥିଲେ ଓ ଦ୍ୱିତୀୟରେ ଆଂଶିକ ଶ୍ରବଣ ଶକ୍ତି ହରାଇଥିଲେ। ପାରାଡାଇଜ୍ ଉପକୂଳରେ ମାଛ ଧରୁଥିବା ବେଳେ ଏକ କଣ୍ଟାଳିଆ ମାଛ ପାଣି ଭିତରୁ ଡେଇଁପଡ଼ି ତାଙ୍କ ଚକ୍ଷୁରେ ଦଶଟି ଛୁଞ୍ଚି ସଦୃଶ କଣ୍ଟା ଫୋଡ଼ି ଦେବାରୁ ସେହି ଚକ୍ଷୁଟି ଅକାମି ହୋଇ ପଡ଼ିଲା । ଆଂଶିକ ଦୃଷ୍ଟି ଓ ଶ୍ରବଣ ଶକ୍ତି ହରାଇ ସେ ପୃଥିବୀ ପୃଷ୍ଠରେ ଦୃଷ୍ଟି ନିକଟବର୍ତ୍ତୀ ହୋଇ ବିଚରଣ କରୁଥିବା କୀଟ-ପତଙ୍ଗଙ୍କର ଜୀବନ ଅଧ୍ୟୟନ କରିବାରେ ପ୍ରେରିତ ହେଲେ ବୋଧହୁଏ। ପ୍ରାଣୀବିଜ୍ଞାନ ଗବେଷଣା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ୱିଲ୍‌ସନ୍ ୧୯୫୨ରେ ପୂରା ଗ୍ରୀଷ୍ମଋତୁକୁ ବିନିଯୋଗ କରି ଉତ୍ତର ଆମେରିକାର ମାସାଚ୍ୟୁସେଟ୍‌ରୁ ଓଣ୍ଟାରିଓ, ବୃହତ୍ ସମତଳ ଅଞ୍ଚଳ, ମୋଣ୍ଟାନା, ଇଦୋହା, କାଲିଫର୍ଣ୍ଣିଆ, ନେଭାଦା, ଆରାଜୋନା, ନ୍ୟୁ ମେକ୍‌ସିକୋ, ଗଲ୍ଫ ଷ୍ଟେଟର ବିଭିନ୍ନ ପତଙ୍ଗାଦିଙ୍କର ଏକ ତାଲିକା ନିର୍ମାଣ କରିଥିଲେ। ସେହି ବର୍ଷ ସେ କ୍ୟୁବା ଓ ମେକ୍‌ସିକୋକୁ ମଧ୍ୟ ନିଜ ଗବେଷଣା କ୍ଷେତ୍ରର ଏକ ଅଙ୍ଗ କରିଥିଲେ। ତାପର ବର୍ଷ ସେ ଦକ୍ଷିଣ ପ୍ରଶାନ୍ତ ମହାସାଗରର ଦ୍ୱୀପସମୂହରେ ପିମ୍ପୁଡ଼ିମାନଙ୍କ ଜୀବନଶୈଳୀ ଅଧ୍ୟୟନ କରିଥିଲେ। ୧୯୫୪ରେ ମେଲାନେସିଆନ୍, ଅଷ୍ଟ୍ରେଲିଆ ଓ ନିଉଗୁଏନିଆରୁ ସେ ପିମ୍ପୁଡ଼ି ସଂଗ୍ରହ କରିଥିଲେ। ଏହି ସମୟରେ ସେ "ଟେକ୍ସନ୍ ସାଇକଲ୍" ତତ୍ତ୍ୱ ଆବିଷ୍କାର କରିଥିଲେ ଯାହା ବଡ଼ ଦ୍ୱୀପ ପ୍ରଣାଳୀରେ ଜୀବଶ୍ରେଣୀର ବିବର୍ତ୍ତନ ଉପରେ ଆଲୋକପାତ କରିଥାଏ। ଏହିସବୁ ଅଧ୍ୟୟନ ତାଙ୍କୁ ମାର୍କ ଆର୍ଥରଙ୍କ ସହିତ "The Theory of Island

Biogeography" ପୁସ୍ତକ ରଚନା କରିବାରେ ସାହାଯ୍ୟ କଲା। ପାରମ୍ପାରିକ ପ୍ରାଣୀ ବିଜ୍ଞାନରେ ଏକ ଗଠନ ବିନ୍ୟାସ ଖୋଜି ପାଇବା ପଦାର୍ଥ ବିଜ୍ଞାନ ବା ରାସାୟନ ବିଜ୍ଞାନଠାରୁ ଅଧିକ କଷ୍ଟକର। ପଦାର୍ଥ ଓ ରସାୟନ ବିଜ୍ଞାନର ସୁଗଠିତ ଓ ସୁନିୟନ୍ତ୍ରିତ ଗବେଷଣାଗରରେ ଏହି ଗବେଷଣା ସହଜ କାରଣ ଅଣୁଗୁଡ଼ିକୁ ପୃଥକ୍ କରି ପରୀକ୍ଷା କରିହୁଏ, କିନ୍ତୁ କୀଟପତଙ୍ଗଙ୍କୁ ଅପହଞ୍ଚ ସ୍ଥାନରୁ ସଂଗ୍ରହ କରି ଗବେଷଣା କରିବା ଆଉ ଏକ କଥା। ଡିଏନ୍‌ଏର ଡବଲ୍ ହେଲିକ୍ସ ଆକୃତିକୁ ଜେମ୍‌ସ ଓ୍ୱାଟସନ୍ ଓ ଫ୍ରାନ୍‌ସିସ୍ କ୍ରିକ ଏଭଳି ଆବିଷ୍କାର କରିଥିଲେ। ଡିଏନ୍‌ଏର ରହସ୍ୟ ଆବିଷ୍କାର ବିଜ୍ଞାନ ଜଗତର ଏକ ଯୁଗାନ୍ତକାରୀ ଦୁର୍ଲଭ କୃତିତ୍ୱ। ଓ୍ୱାଟସନ୍ ଜଣେ ଦମ୍ଭୀ ପୁରୁଷ ଥିଲେ। ତାଙ୍କର ଦମ୍ଭୋକ୍ତି ଥିଲା ଯେ ଜୈବବିଜ୍ଞାନ ଯେହେତୁ ଅଣୁ ଓ କୋଷ ଅଧ୍ୟୟନର ପରିସରଭୁକ୍ତ ଏହାକୁ ପଦାର୍ଥ ଓ ରସାୟନ ବିଜ୍ଞାନ ଭାଷାରେ ବର୍ଣ୍ଣନା କରି ହେବ। ଓ୍ୱିଲସନ୍ ନିଜର ଉଦ୍ୟମକୁ ଏକ ସୁନିରୂପିତ ସଂକୀର୍ଣ୍ଣ କ୍ଷେତ୍ରର ଏକାଗ୍ରତା ସହିତ ନିୟୋଜିତ କଲେ। ତାଙ୍କର ଆଶା ଥିଲା ଏହି ଉଦ୍ୟମର ଫଳକୁ ଆଣବିକ ଜୈବବିଜ୍ଞାନ ସହିତ ତୁଳନାତ୍ମକ ରୂପେ ବିଚାର କରାଯିବ। ସେ ଜାଣିବାକୁ ଚାହୁଁଥିଲେ ପିମ୍ପୁଡ଼ିମାନେ କିପରି ପରସ୍ପର ମଧ୍ୟରେ ଭାବ ବିନିମୟ କରନ୍ତି। ସେ ଆବିଷ୍କାର କଲେ ଯେ ନିଜ ଶରୀର ଭିତରେ ପ୍ରସ୍ତୁତ ହୋଇ ପାରୁଥିବା ରସାୟନ ପଦାର୍ଥ ମାଧ୍ୟମରେ ସେମାନେ ଭାବ ବିନିମୟ କରନ୍ତି। ଏହା ଏକ ଦୃଷ୍ଟି ଆକର୍ଷଣକାରୀ କୃତିତ୍ୱ ଥିଲା। ଅଧିକାଂଶ ଜୀବ ସ୍ୱାଦ ଓ ଗନ୍ଧ ଦ୍ୱାରା ଭାବ ବିନିମୟ କରନ୍ତି, ଦୃଷ୍ଟି ଓ ସ୍ୱର ଦ୍ୱାରା ନୁହେଁ। ଫେରୋମେନ୍‌ସ୍ ନାମକ ଏକ ବିରଳ ରସାୟନ ପ୍ରେରଣ ଦ୍ୱାରା ଏହା ସମ୍ଭବ ହୋଇଥାଏ ଯାହା ପିମ୍ପୁଡ଼ିମାନେ କରି ପାରିଥାନ୍ତି, କିନ୍ତୁ ମଣିଷ ପାଇଁ ଏହି ସ୍ୱଳ୍ପ-ଲବ୍ଧ ରସାୟନ ଅନୁସନ୍ଧାନ କରି ପ୍ରୟୋଗ କରିବା କଷ୍ଟକର ବ୍ୟାପାର। ଅନ୍ୟ ଜୀବମାନେ ନିଜସ୍ୱ ଏକ ପ୍ରକ୍ରିୟାରେ ନିଜ ଶରୀରରେ ଏହା ପ୍ରସ୍ତୁତ କରି ପ୍ରୟୋଗ କରିଥାନ୍ତି। ଓ୍ୱିଲ୍‌ସନ୍ ନିଜ ଗବେଷଣାରୁ ପିମ୍ପୁଡ଼ିମାନଙ୍କ ପାଖରେ ଏହି ରସାୟନ ଥିବା ଆବିଷ୍କାର କଲେ। ସେ ହୃଦୟଙ୍ଗମ କଲେ ଯେ ସ୍ୱଳ୍ପ ଉଦ୍ୟମରେ ଏହି ରସାୟନ-ବାର୍ତ୍ତା ପରିବ୍ୟାପ୍ତ ହୋଇଥାଏ।

ୱିଲ୍‌ସନ୍‌ଙ୍କ ଗବେଷଣାର ଅନ୍ୟ ଦିଗଟି ଥିଲା ଦ୍ୱୀପମାନଙ୍କର ଜୈବ-ଭୂଗୋଳ ଅଧ୍ୟୟନ। ତାଙ୍କୁ ଏଥିପାଇଁ ଏକ ଜୈବ-ଭୂଗୋଳ ବିଶିଷ୍ଟ ଦ୍ୱୀପକୁ ଗବେଷଣାଗାର କରିବାକୁ ପଡ଼ିଥିଲା। କ୍ରାକାଟୁ ଏଭଳି ଏକ ଦ୍ୱୀପ ଥିଲା ଯେଉଁଠାରୁ ୧୮୮୭ରେ ଏକ ଆଗ୍ନେୟଗିରିର ଉଦ୍‌ଗିରିଣ ଘଟି ସମସ୍ତ ଜୀବଜଗତ ଲୋପ ପାଇଥିଲା ଓ ତହିଁରେ ପରେ ପଶୁପକ୍ଷୀ ପୁନର୍ବାସ କରିବାରୁ ସେଠାରେ ଏହି ପୁନର୍ବାସକୁ ଅଧ୍ୟୟନ କରିବାକୁ ବୈଜ୍ଞାନିକମାନଙ୍କୁ ସୁଯୋଗ ମିଳିଥିଲା। ଷୋଡ଼ଶ ଶତାବ୍ଦୀରେ ଡେନ୍‌ମାର୍କର ରାଜା ଟାଇକୋ ବ୍ରାହେଙ୍କୁ ମହାକାଶ ଅଧ୍ୟୟନ ପାଇଁ ଏକ ଦ୍ୱୀପ ଯୋଗାଇ ଦେଇଥିଲେ ଯେଉଁଠି ସେ ମାନମନ୍ଦିର ନିର୍ମାଣ କରିଥିଲେ। ୱିଲ୍‌ସନ୍‌ଙ୍କୁ ମଧ୍ୟ ଫ୍ଲୋରିଡା ଉପକୂଳରେ ଏଭଳି ଏକ ଛୋଟ ଦ୍ୱୀପ ଉପଲବ୍ଧ ହେଲା, ଯେଉଁଠାରେ ଜୀବଜଗତର ଅବଲୁପ୍ତ ପ୍ରକ୍ରିୟା ଓ ତହିଁରେ ପୁନର୍ଜୀବନ ସଂଚାର ହେବା ପ୍ରକ୍ରିୟା ଉଭୟକୁ ଅଧ୍ୟୟନ କରିହେଲା। ସେ ତାପରେ କ୍ରମାନ୍ୱୟରେ ତାଙ୍କର ଗବେଷଣାର ଫଳକୁ ଏକ ଗ୍ରନ୍ଥତ୍ରୟୀ (triology) ମାଧ୍ୟମରେ ପ୍ରକାଶ କଲେ। ୧୯୭୧ରେ "The Insect Societies", ୧୯୭୫ରେ "On Human Nature" ପ୍ରକାଶ କରି ସେ ଏକ ବିପ୍ଳବାତ୍ମକ ଚିନ୍ତାଧାରା ଆରମ୍ଭ କଲେ ଯାହାକୁ ସଂକ୍ଷେପରେ କୁହାଯାଇପାରେ ଯେ ଆମର ସାମାଜିକ ବ୍ୟବହାର ହେଉଛି ଏକ ଜୈବ ପ୍ରକ୍ରିୟା। କୀଟ-ପତଙ୍ଗ, ପିମ୍ପୁଡ଼ି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରାଣୀଜଗତ ତଥା ମଣିଷଙ୍କ ସାମାଜିକ ପ୍ରବୃତ୍ତି ମୂଳରେ ରହିଛି ଜୈବ ବିଜ୍ଞାନ। ପିମ୍ପୁଡ଼ି ବସତିର ସାମାଜିକ ଗଠନ ଭଳି ଜଟିଳ ଅଧ୍ୟୟନରୁ ୱିଲ୍‌ସନ୍ ମଣିଷର ସାମାଜିକ ଜୀବନର ମଞ୍ଜି ଆବିଷ୍କାର କଲେ। ସେ ଦେଖିଲେ ପିମ୍ପୁଡ଼ି ବସତିରେ ମଧ୍ୟ ରାଣୀ, ସୈନ୍ୟ, ଶ୍ରମିକ ଓ ବୈଷୟିକ-ବୁଦ୍ଧି ସଂପନ୍ନ କାରିଗର ଓ ବୁଦ୍ଧିଜୀବି ଶ୍ରେଣୀର ପିମ୍ପୁଡ଼ି ନିଜ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ନିର୍ବାହ କରି ଏକ ସଂଘବଦ୍ଧ ଶୃଙ୍ଖଳିତ ଜୀବନ ଯାପନ କରୁଛନ୍ତି ଯେଉଁଠି ଅଧିକାଂଶ ପିମ୍ପୁଡ଼ି ସମାଜ ବା ସଂଘ ପାଇଁ ନିଜ ବ୍ୟକ୍ତିଗତ ସ୍ୱାର୍ଥକୁ ବଳିଦେଇ ସମାଜର ସାମଗ୍ରିକ ମଙ୍ଗଳ ସାଧନ କରୁଛନ୍ତି। ଏହି ପ୍ରବୃତ୍ତିଟି ମାନବ ସମାଜରେ ମଧ୍ୟ ଦେଖିବାକୁ ମିଳେ ଯାହାକି ଜୈବ-ରସାୟନ ମାଧ୍ୟମରେ ବୁଝାଇ ହେବ। ଏଠାରୁ ଜନ୍ମ

ହେଲା ସାମାଜିକ ଜୈବ-ବିଜ୍ଞାନ ଯାହା ସମାଜ ବିଜ୍ଞାନ ଠାରୁ ପୃଥକ୍। ସମାଜ ଶାସ୍ତ୍ରୀ ଓ ସମାଜ ବିଜ୍ଞାନୀଙ୍କ ପାଇଁ ଏହା ଏକ ଅମାନବୀୟ ଆହ୍ୱାନ ରୂପେ ପରିଗଣିତ ହେଲା, କରଣ ଏହା ସେମାନଙ୍କ ଜ୍ଞାନ ଓ କାର୍ଯ୍ୟ ପରିସରକୁ ବୈଜ୍ଞାନିକଙ୍କ ଅନୈତିକ ଅନୁପ୍ରବେଶ ମନେ କରାଯାଉଥିଲା। ତାଙ୍କର ଭୟ ହେଲା ସାମାଜିକ ଜୈବବିଜ୍ଞାନ ସମାଜ ବିଜ୍ଞାନକୁ ଲୋପ କରି ତାର ସ୍ଥାନ ଦଖଲ କରିବ। ଆଶ୍ଚର୍ଯ୍ୟଜନକ ଭାବେ ଖ୍ରୀଷ୍ଟିୟାନ୍ ସଂପ୍ରଦାୟ ଏହି ଚିନ୍ତାଧାରାକୁ ଅର୍ଥାତ୍ ସାମାଜିକ ଜୈବବିଜ୍ଞାନକୁ ସ୍ୱାଗତ ଜଣାଇଲେ, କାରଣ ତାଙ୍କ ମତରେ ଏହା ଧର୍ମ-ପରିପନ୍ଥୀ ନୁହେଁ।

ବିବର୍ତ୍ତନ ଧାରା ଉପରେ ଡାରଓ୍ୱିନ୍ ଓ ଡକିନ୍‌ସଙ୍କ ପରେ ଅନ୍ୟତମ ବୈଜ୍ଞାନିକ ହେଲେ ଷ୍ଟିଫେନ୍ ଜେ ଗୁଡ୍। ତାଙ୍କ ସହିତ ଓ୍ୱିଲ୍‌ସନ୍‌ଙ୍କ ବିବାଦ ଘନେଇଲା। ଗୁଡ୍ ଓ୍ୱିଲ୍‌ସନ୍‌ଙ୍କୁ ନ୍ୟୁନକରଣ (Reductionism) ଅପବାଦ ଦେଇ ଆକ୍ଷେପ କଲେ। ଗୁଡ୍ କହିଲେ ମାନବୀୟ ସଂସ୍କୃତିରେ ବିଜ୍ଞାନ, କଳା, ଧର୍ମ, ଭାସ୍କର୍ଯ୍ୟ ପ୍ରଭୃତି ଅନେକ ବୈଭବ ପୂରି ରହିଛି; ମାନବୀୟ ଅନୁଭୂତିର ଅନେକ ସ୍ତର ରହିଛି, କିନ୍ତୁ ଓ୍ୱିଲ୍‌ସନ୍ ସେ ସବୁକୁ ଜୈବ-ରସାୟନ ସ୍ତରକୁ ଟାଣି ଓଟାରି ନ୍ୟୁନକରଣ ପ୍ରକ୍ରିୟା ପ୍ରୟୋଗ କରୁଛନ୍ତି। ଓ୍ୱିଲ୍‌ସନ୍ କିନ୍ତୁ ବିଜ୍ଞାନ, ଧର୍ମ ଓ ନୈତିକତାର ସଂଯୁକ୍ତି କରଣ ଦ୍ୱାରା ଏପରି ମିଶ୍ରଣ କରିଛନ୍ତି ଯେ ତହିଁରେ ବିଜ୍ଞାନର ପ୍ରାଧାନ୍ୟ ରହିଛି। ଗୁଡଙ୍କ ମତରେ ଏହା ସୁନିଶ୍ଚିତ ଯେ ମଣିଷ ଏପରି ଏକ ଐକିକ ଅସ୍ତିତ୍ୱ ଯାହା ବସ୍ତୁ ଓ ଆତ୍ମାର ବିଶ୍ରଣ ନୁହେଁ। ଆମେ ଯଦିଓ ଭୌତିକ ପ୍ରକୃତିର ଅଂଶ ତଥାପି ଆମର ଅନ୍ତର୍ନିହିତ ସତ୍ତାଟି ତହିଁରୁ ଉତ୍ତରିତ ହୋଇ ତାକୁ ଅଧ୍ୟୟନ କରିପାରେ, ତାହାର ପ୍ରତିନିଧିତ୍ୱ କରିପାରେ ଓ ତାକୁ ଅଧିକୃତ କରିପାରେ। ଅର୍ଥାତ୍ ଆମର ପାର୍ଥିବ ଓ ମାନବିକ ଉଭୟ ଦିଗ ରହିଛି ଯାହା ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ। ଅବଶ୍ୟ ଗୁଡ୍ ଓ ଓ୍ୱିଲ୍‌ସନ୍ ଉଭୟେ ଡାରଓ୍ୱିନ୍‌ଙ୍କ ବିବର୍ତ୍ତନବାଦ ଦୃଷ୍ଟିକୋଣରୁ ବସ୍ତୁବାଦୀ।

ଓ୍ୱିଲ୍‌ସନ୍‌ଙ୍କ ମତରେ ବିଜ୍ଞାନର ବାସ୍ତବିକ ଇଲାକାରେ ନୈତିକତାକୁ ପୁରାଇବା ଅନାବଶ୍ୟକ। ନୈତିକତା ମଧ୍ୟ ବିଜ୍ଞାନଗତ। ମାତା-ପୁତ୍ର ମଧ୍ୟରେ,

ପିତା-କନ୍ୟା ମଧ୍ୟରେ ଓ ଭାଇ-ଭଉଣୀ ମଧ୍ୟରେ ଯୌନ ସଂପର୍କର ସେ ଉଦାହରଣ ଦିଅନ୍ତି। ଏହି ସଂବଧ ପଶୁମାନଙ୍କ ମଧ୍ୟରେ ଅନୈତିକ ନୁହେଁ, କିନ୍ତୁ ମାନବ ସମାଜ ପାଇଁ ଅନୈତିକ। ମାନବ ସମାଜ ଏହି ସଂପର୍କକୁ ଘୃଣା କରନ୍ତି। ଜୈବ-ବିଜ୍ଞାନ ଦୃଷ୍ଟିରୁ ମଧ୍ୟ ନିଷିଦ୍ଧ, କାରଣ ଏଭଳି ସଂପର୍କରୁ ଜନ୍ମ ନେଇଥିବା ଶିଶୁ ଜିନୀୟ ପ୍ରଭାବରୁ ଦୁର୍ବଳ। ବିବର୍ତ୍ତନବାଦ ମଧ୍ୟ ଏହି ନୈତିକତା ପ୍ରଶ୍ନର ଉତ୍ତର ଦେଇଥାଏ "କେବଳ ଯୋଗ୍ୟତମ ହିଁ ତିଷ୍ଠି ରହେ" (Survival of the fittest) ସୂତ୍ରକୁ ଆଧାର କରି। ଜିନ ବଂଶାନୁକ୍ରମିକ ବଞ୍ଚିରହି ନିଜର ଅଭିବୃଦ୍ଧି କରିବାକୁ ଚାହେଁ। ଜିନ୍‌ର ଏହି ପ୍ରବୃତ୍ତି ତହିଁରେ ପ୍ରୋଗ୍ରାମିଙ୍ଗ ହୋଇଥାଏ। ଜୈବ-ବିଜ୍ଞାନ ଅନୁସାରେ ମାତା-ପୁତ୍ର, ଭାଇ-ଭଉଣୀ କିମ୍ବା ପିତା-କନ୍ୟା ମଧ୍ୟରେ ଯୌନ ସଂପର୍କରୁ ଜନ୍ମ ନେଇଥିବା ଉତ୍ତରାଧିକାରୀ ଶରୀରରେ ଜିନର ଏହି ଇଚ୍ଛା ପୂରଣ ହୋଇ ପାରେ ନାହିଁ, ବରଂ ଜିନୀୟ ପ୍ରୋଗ୍ରାମିଂର ଏହା ପରିପନ୍ଥୀ। ଅର୍ଥାତ୍ ବିବର୍ତ୍ତନୀୟ ପ୍ରୋଗ୍ରାମିଂ ନିଷିଦ୍ଧ ସଂପର୍କକୁ ପ୍ରତିହତ କରେ। ତେଣୁ ନୈତିକତାର ମୂଳଦୁଆ ହେଉଛି ବିଜ୍ଞାନ। ଆମର ମାନବୀୟ ପ୍ରବୃତ୍ତିରେ ନୈତିକ ନିୟମକୁ ବିବର୍ତ୍ତନ ଲିପିବଦ୍ଧ କରିଛି।

ମାନବୀୟ ସମସ୍ୟାକୁ ଅନୁଧ୍ୟାନ କଲାବେଳେ ମାନବୀୟ ଅନୁଭୂତିର ସମସ୍ତ ଦିଗକୁ ବସ୍ତୁବାଦୀ ଦୃଷ୍ଟିକୋଣରୁ ବିଚାର କରାଯାଏ ବୋଲି ୱିଲ୍‌ସନ୍ କହନ୍ତି। ସାଧାରଣ ମାନବର ଅନୁଭୂତିର ପରିପ୍ରକାଶ ହେଉଛି ମାନବୀୟ ସଂସ୍କୃତି, ନୈତିକତା ଓ ଧର୍ମ; ତେଣୁ ଏହାର ଅନୁଶୀଳନ ମଧ୍ୟ ବସ୍ତୁବାଦୀ ଦୃଷ୍ଟିକୋଣରୁ ହେବା ସମୀଚୀନ। ଏ ପର୍ଯ୍ୟନ୍ତ ୱିଲ୍‌ସନ୍‌ଙ୍କ ମତ ଯୁକ୍ତିଯୁକ୍ତ। କିନ୍ତୁ ସମସ୍ୟା ଅନୁଭୂତ ହୁଏ ସେତେବେଳେ ଯେତେବେଳେ ୱିଲ୍‌ସନ୍ ସଂସ୍କୃତି, ଧର୍ମ ଓ ନୈତିକତାର ଗଠନରେ ଜୈବବିଜ୍ଞାନର ପ୍ରଭାବ ରହିଥିବା କଥା ନ କହି ସେ ସବୁକୁ ସେ ଜୈବ-ବିଜ୍ଞାନ ସ୍ତରକୁ ଅବରୋହଣ କରାଇ ଆଣନ୍ତି। ବିଜ୍ଞାନ ବାସ୍ତବିକ ସତ୍ୟ ଉପରେ ଆଧାରିତ, କିନ୍ତୁ ଧର୍ମଧାରାରେ ଅନୁଭୂତ ହୁଏ ମାନବୀୟ ପ୍ରକୃତି, ଭାବାବେଗ ଓ କାମନା। ତେଣୁ ଧର୍ମ ସାମାଜିକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇପାରେ। ବୈଜ୍ଞାନିକ ବସ୍ତୁବାଦର କେନ୍ଦ୍ର ହେଉଛି ବିବର୍ତ୍ତନୀୟ କାବ୍ୟ ସଂଭାର। ପଦାର୍ଥ ବିଜ୍ଞାନ

ସହିତ ଜୈବ-ବିଜ୍ଞାନ ଓ ସମାଜ ବିଜ୍ଞାନର ସୁସଂଗତି ରହିଛି। ତେଣୁ ଜୀବନ ଓ ମନ ଭୌତିକ ଭିତ୍ତିଭୂମି ଉପରେ ଦଣ୍ଡାୟମାନ। ଧର୍ମ, ସଂସ୍କୃତି ଓ ନୈତିକତାର ଦ୍ୱାହି ଦେଇ ମଣିଷ ନିଜକୁ ସର୍ବଶ୍ରେଷ୍ଠ ଜୀବ ଭାବି ଯେଉଁ ସଂକୀର୍ଣ୍ଣ ମାନସିକତାର ଶିକାର ହୋଇଥିଲା ଓ ମାନବ ସମାଜର ପୁରୋହିତ, ସମାଜ ବିଜ୍ଞାନ ବିଶାରଦଗଣ ଏହାକୁ ନେଇ ଯେଉଁ ବାହୁସ୍ଫୋଟ ମାରୁଥିଲେ ସେଇ ମାନବିକ ଗୁଣ ସବୁ ପଶୁମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଥିବା ଦର୍ଶାଇ, ୱିଲସନ୍, ମନୁଷ୍ୟର ଅହେତୁକ ଅହଂକାର ମୂଳରେ କୁଠାରାଘାତ କରି ବାସ୍ତବିକ ଓ ପ୍ରକୃତ ସତ୍ୟ ନିରୂପଣ କରିଛନ୍ତି। ଏହି ସବୁ ଦୃଷ୍ଟିରୁ ପ୍ରକୃତି ହିଁ ଆମର ଗୁରୁ।

❖❖❖

---

ଲେଖକ ସମ୍ବଲପୁର ଲଜ୍, ସମ୍ବଲପୁରର ସଭ୍ୟ

# କୃଷ୍ଣମୂର୍ତ୍ତିଙ୍କ ପୁସ୍ତକ କିପରି ପଢ଼ିବା ?

**ଅଶୋକ କୁମାର ମହାପାତ୍ର**

ବହିର ନିଶା ଅନ୍ୟ ସବୁ ନିଶାଠାରୁ ନିଆରା । କିନ୍ତୁ ଅନ୍ୟ ସବୁ ନିଶା ପରି ଏହାକୁ ଉପଭୋଗ କରିବା ପାଇଁ ମାହୋଲ ବି ଅଲଗା ଥିବା ଦରକାର । କିଛି ପୁସ୍ତକ ପଢ଼ି ସେ ବିଷୟରେ ସମାନ ଦୃଷ୍ଟିଭଙ୍ଗୀ ଥିବା ବନ୍ଧୁଙ୍କ ସଙ୍ଗେ ଆଲୋଚନା ନକଲେ ପଢ଼ାର ମଜାଟା ଅଧୁରା ରହିଯାଏ । ଜିମ୍ କରବେଟ, କେନେଥ ଆଣ୍ଡରସନଙ୍କ ଶିକାର ବହି ପଢ଼ିଲେ ନକହି ରହି ହୁଏ ନାହିଁ । କିନ୍ତୁ ଟିନ୍‌ଟିନ୍ ଆଉ ଆଷ୍ଟେରିକ୍‌ସ କମିକ୍ କଥାଟା ଅନେକ ସମୟରେ ବୁଝେଇ ହୁଏ ନାହିଁ । ରସ୍କିନ ବଣ୍ଡଙ୍କ ପୁସ୍ତକ ହେଉ ବା ତପୋବନ ମହାରାଜ ହିମାଳୟରେ ଭ୍ରମଣ କାହାଣୀ (Wanderings in the Himalayas) ବେଳେ ବେଳେ ଦୁଇ ପାଠକଙ୍କ ମଧ୍ୟରେ ଯୁଗଯୁଗର ସମ୍ପର୍କ ଯୋଡ଼ିଦିଏ । ଆଉ କିଛି ବହି ପ୍ରଥମ ପ୍ରେମିକା ପରି । ତାହାର ଅଭିଜ୍ଞତା ନିବିଡ଼, ଅନନ୍ୟ; ତାକୁ ଆଲୋଚନା କରି କାହା ସହ ବାଣ୍ଟି ହୁଏନାହିଁ । ସେଇଟା ନିଜ ସମ୍ପତ୍ତି ହୋଇ ଚିରଦିନ ରହେ । ବେଳେବେଳେ ମୃତ୍ୟୁ ସଙ୍ଗେ ଆମ ସଙ୍ଗେ ଚାଲିଯାଏ; ବର୍ଷ ବର୍ଷ ପରେ ହୁଏତ ସାମାନ୍ୟ ଇସାରା ପାଇଗଲେ ସମଝଦାର ବନ୍ଧୁ ବୁଝି ନିଅନ୍ତି । କିନ୍ତୁ ସେପରି ସମୟ, ପ୍ରାୟ ଆସେ ନାହିଁ । କୃଷ୍ଣମୂର୍ତ୍ତିଙ୍କ ପୁସ୍ତକ ଏହି ତୃତୀୟ ଶ୍ରେଣୀର ପୁସ୍ତକ । ତେଣୁ ପାଠକମାନେ ଯଦି କୃଷ୍ଣମୂର୍ତ୍ତିଙ୍କ ଲେଖାପଢ଼ି ନିରାଶ ହୁଅନ୍ତି, ତାହାହେଲେ ଲେଖକଙ୍କ ଆନନ୍ଦ କିଛି କମ ହେବ ନାହିଁ । କୃଷ୍ଣ ମୂର୍ତ୍ତିଙ୍କ ପୁସ୍ତକର ଇସାରା ଦେଇହେବ; ଆଉ କିଛି ବାଣ୍ଟି କରିହେବ ନାହିଁ ।

କୃଷ୍ଣମୂର୍ତ୍ତିଙ୍କ ପୁସ୍ତକ ପଢ଼ି ୧୬ ବର୍ଷର ବାଳକ ବିଭୋର ହୋଇଯାଇପାରେ; ଏହା ମଧ୍ୟ ସମ୍ଭବ ୭୦ ବର୍ଷର ବୃଦ୍ଧ ଦୁନିଆର ସବୁ ଅଭିଜ୍ଞତା ପରେ ବି ସେହି ବହିପଢ଼ି କିଛି ବୁଝି ପାରେ ନାହିଁ । ଯିଏ ବୁଝିପାରେ ସେ ଉଚ୍ଚ ଶ୍ରେଣୀର ଲୋକ ଓ ଯିଏ ନ ବୁଝିପାରେ ସେ ନୀଚ ଶ୍ରେଣୀର ଲୋକ ତାହା ନୁହେଁ; ତେବେ ସେମାନେ ଯେ ଭିନ୍ନ ମାନସିକତାର ଲୋକ ତହିଁରେ ସନ୍ଦେହ ନାହିଁ । ତେବେ ଅଜିକାଲି ଗୋଟିଏ ଅସୁବିଧା

ହେଉଛି କୃଷ୍ଣମୂର୍ତ୍ତିଙ୍କ ସାହିତ୍ୟର ବହୁଳ ପ୍ରଚାର ଓ ପ୍ରସାର ହେଲାପରେ କିଏ ତାକୁ ଉପଭୋଗ କରୁଛି ଓ କିଏ ତାକୁ ଖାଲି ନକଲ କରୁଛି ଜାଣିବା ଅସମ୍ଭବ । ଅଭିଜ୍ଞତାଟି ଏକାନ୍ତ ବ୍ୟକ୍ତିଗତ ।

ତେବେ କୃଷ୍ଣମୂର୍ତ୍ତୀଙ୍କ ରସ ଆସ୍ୱାଦନ କରିବା ପାଇଁ ଇଚ୍ଛା ଥିଲେ, ମନେ ରଖନ୍ତୁ ଚେଷ୍ଟା କରି ତାହା କରାଯିବା ସମ୍ଭବ ନୁହେଁ । ଚେଷ୍ଟା କରି ସେ ବିଷୟରେ ଭାଷଣ ଦେଇହେବ, ଚେଷ୍ଟା କରି ଅଲଗା ଲେଖାରେ ତାଙ୍କ ମତ ପୁରେଇ ନିଜ ମତ ତୀକ୍ଷ୍ଣ କରିହେବ, କିନ୍ତୁ ସେ ରସ ଆସ୍ୱାଦନ କରିହେବ ନାହିଁ । ତେବେ ଥରେ ବିଫଳ ହେଲେ ମନ ଊଣା କରନ୍ତୁ ନାହିଁ, ତାହା ଈଶ୍ୱରଙ୍କ କୃପା ପରି । କେତେବେଳେ ଯେ ହଠାତ୍ ବିନା କାରଣରେ ଅଜାଡ଼ି ହୋଇପଡ଼ିବ, ତାହା କହି ହେବ ନାହିଁ । ସିରିଡ଼ି ସାଇ ବାବାଙ୍କ ଭକ୍ତଙ୍କ ପରି । ଶହ ଶହ ଲୋକ ତାଙ୍କୁ ନକଲ କରି ମୁଣ୍ଡରେ ରୁମାଲୁ ଭିଡ଼ୁଛନ୍ତି, କିନ୍ତୁ ଯିଏ ତାଙ୍କ ମାନସିକ ସ୍ଥିତି ଜାଣିଛି ସେ ନିଜକୁ ସେପରି ରୁମାଲୁ ଭିଡ଼ି ହାସ୍ୟାସ୍ପଦ ସ୍ଥିତିକୁ ଆଣିବ ନାହିଁ । ତାଙ୍କ କରୁଣା ଅପେକ୍ଷାରେ ରହିବ ।

ଆରମ୍ଭ କରିବା ଆଗରୁ ଧରି ନେଉଛି ତାଙ୍କ ବିଷୟରେ କିଛି ଜାଣିଛନ୍ତି । ଯଦି କିଛି ପଢ଼ି ନାହାନ୍ତି ପ୍ରଥମେ ମେରି ଲୁଟ୍ୟେନ (Mary Lutyen)ଙ୍କ ଦ୍ୱାରା ଲିଖିତ କୃଷ୍ଣମୂର୍ତ୍ତୀଙ୍କ ଜୀବନୀ (Years of Awakening ଓ Years of Fulfilment) ପଢ଼ି ନେବେ । ପୁପୁଲଙ୍କ ଦ୍ୱାରା ଲିଖିତ ଜୀବନୀ ପଢ଼ି ସମୟ ନଷ୍ଟ କରିବେ ନାହିଁ । ପୁଣି କୃଷ୍ଣମୂର୍ତ୍ତି ପୁସ୍ତକର ନାମ ଦେଖି ତାହାର ବିଷୟବସ୍ତୁକୁ ବିଚାର କରିବାର ଧୃଷ୍ଟତା କରିବେ ନାହିଁ । ନାମଗୁଡ଼ିକ ସଙ୍ଗେ ବିଷୟ ବସ୍ତୁର ସମ୍ପର୍କ ନାହିଁ । ଏହାର ଅର୍ଥ ସବୁ ପୁସ୍ତକର ବିଷୟ ସମାନ, ସବୁ ଭାଷଣର ବିଷୟ ଏକ । ଯାହା ଆଜିଯାଏ ଆପଣ ଶୁଣି ଆସିଛନ୍ତି ତାହାଠାରୁ କୃଷ୍ଣମୂର୍ତ୍ତିଙ୍କ ଲେଖା ସ୍ୱତନ୍ତ୍ର, ଅଲଗା ।

ମୂଳରୁ କହି ଦେଉଛି ଯେ କୃଷ୍ଣମୂର୍ତ୍ତିଙ୍କ ବହି ଓ କୃଷ୍ଣମୂର୍ତ୍ତି ଆପଣଙ୍କୁ ଭଲ ଲାଗୁଛନ୍ତି ବୋଲି କେତେବେଳେ ଜାଣିବେ ? ଯେତେବେଳେ ହଠାତ୍ ଟିକିଏ ଏକୁଟିଆ ରହିବାକୁ ଇଚ୍ଛା ହେବ, କିନ୍ତୁ କାହା ସାଙ୍ଗରେ ମନୋମାଳିନ୍ୟର ଚିନ୍ତା ହିଁ ନଥିବ; ଯେତେବେଳେ ବିନା କାରଣରେ ବର୍ଷା, ଖରା, ସାନପିଲା, ଫୁଲ, ସଁବାଳୁଆ ସବୁଗୁଡ଼ିକ ଭଲ ଲାଗିବ;

ଜୀବନରେ କିଛି ତରତର ହେବାର ନଥିବା; ଆଉ ଧନୀ, ଶକ୍ତିଶାଳୀ, ବଳବାନ ପ୍ରସିଦ୍ଧ ଲୋକମାନଙ୍କ ପ୍ରତି ଏକ କରୁଣାମୟ ଉଦାସୀନତା ଆସିବ, ଆପଣ ଜାଣିଯିବେ ଯେ କୃଷ୍ଣମୂର୍ତ୍ତିଙ୍କ ପୁସ୍ତକ ପଢ଼ିବାକୁ ଆପଣଙ୍କୁ ଭଲ ଲାଗୁଛି । ପଢ଼ିଲାବେଳେ ବୁଝିବା ପାଇଁ ଚେଷ୍ଟା ନଥିବ, ପ୍ରୟାସ ନଥିବ, ଟୁଆଁଟୁଇଁଙ୍କ ଗପ ବହି ପଢ଼ିଲା ପରି ଲାଗୁଥିବ; ବୁଝିବାର ଗର୍ବ ନଥିବ କିନ୍ତୁ ସଂସାରର ଯେଉଁ ଜିନିଷଗୁଡ଼ିକ ଆଜିଯାଏ କେବେ ଦେଖି ନଥିବେ ସେହି ଜିନିଷ ଗୁଡ଼ିକ ନଜରରେ ପଡୁଥିବ - ତାହା ଦୁଇଟି ବିରାଡ଼ି କଳି କରିବାର ଦୃଶ୍ୟ ହେଉ ବା ଗେଣ୍ଡୁ ଫୁଲଟି ଜଣେ ନଦେଖି ମାଡ଼ି ଦେବାର ଦୃଷ୍ଟାନ୍ତ ହେଉ । ଅଥବା ଦୁଇଟି କଲେଜ ପୁଅଝିଅ ହାତ ଧରାଧରି ହୋଇ ପାର୍କରେ ବୁଲିବାର କଥା, କି ଜଣେ ବଡ଼ ଅଫିସର ନିଜ ଗାଡ଼ିକୁ ଅଫିସ ପାଖରେ ଓହ୍ଲାଇବାର ଦର୍ପ ।

ଜୀବନ ଚର୍ଚ୍ଚା (Commentaries on Living) ଆରମ୍ଭ କଲେ ଭଲ, କାରଣ ଗୋଟିଏ ଲେଖା - ୩/୪ ପୃଷ୍ଠା ତ - ଧୀରେ ଧୀରେ ପଢ଼ି ହେବ । ବହି ଶେଷ କରିବାର ଲକ୍ଷ୍ୟ ନଥିବ । ତାହାପରେ ଯାହା ପଢ଼ନ୍ତୁ; କିନ୍ତୁ ଏ ଦୁଇଟି ପୁସ୍ତକ ନିଶ୍ଚୟ ପଢ଼ିବେ; Freedom from the Known ଓ First and Last Freedom. ମୋତେ ଭିଡିଓ ଦେଖିବାକୁ ଭଲ ଲାଗେ ନାହିଁ । ତେବେ ଅନେକଙ୍କର ତାହାହିଁ ପସନ୍ଦ । ଆପଣ ଆପଣଙ୍କ ରୁଚି ଅନୁସାରେ ଯିବେ । ସାଧାରଣତଃ ଆମେ ଯେମିତି ଅନ୍ୟାନ୍ୟ ବହିପଢୁ ସେପରି ପଢ଼ି ବୁଝିବାକୁ ଚେଷ୍ଟା କରିବେ ନାହିଁ । ଯେଉଁମାନେ କୃଷ୍ଣମୂର୍ତ୍ତୀଙ୍କ ଉପରେ ଉଚ୍ଚ ଆଶା ରଖି ପୁସ୍ତକପଢ଼ି ଅତ୍ୟନ୍ତ ନିରାଶ ହୁଅନ୍ତି, ଏହାହିଁ ତାହାର କାରଣ । ଶବ୍ଦ ପରେ ଶବ୍ଦ, ବାକ୍ୟ ପରେ ବାକ୍ୟ ପଢ଼ି ଅର୍ଥ ବୁଝିବାକୁ ଚେଷ୍ଟା କଲେ ତାହା ବେଳେବେଳେ ଅନେକଙ୍କୁ କିମ୍ଭୁତ କିମ୍ଭାକାର ଲାଗେ । ମୋର ମତ ଯେ ଗୋଟିଏ ପରେ ଗୋଟିଏ ପୃଷ୍ଠା ପଢ଼ି ଚାଲନ୍ତୁ । ଅତି ସରଳ ଇଂରାଜୀ । କ'ଣ ପଢ଼ିଲୁ ଜଣେ ପଚାରିଲେ କ'ଣ କହିବି ସେ କଥା ଭାବନ୍ତୁ ନାହିଁ । କୃଷ୍ଣମୂର୍ତ୍ତି କ'ଣ କହିବାକୁ ଚାହୁଁଛନ୍ତି ତାହା ଠିକ୍ ବା ଭୁଲ ସେ ବିଷୟରେ ଚିନ୍ତା କରନ୍ତୁ ନାହିଁ । ମୁଁ କ'ଣ କଲେ ତାଙ୍କ ଉପଦେଶ ମାନି ପାରିବି ସେ କଥା ମୁଣ୍ଡରେ ପୁରାନ୍ତୁ ନାହିଁ । ମୁଁ ଆଜିଯାଏ ଯାହା ପଢ଼ିଛି ତାହା କେତେଦୂର ଏହା ସାଙ୍ଗେ ଖାପ ଖାଉଛି ସେ ବିଷୟରେ କଳ୍ପନା କରନ୍ତୁ ନାହିଁ । ଏଣୁ ମୋ ଜୀବନର ସବୁ ସାଧନା

ବେକାର ଗଲା ବୋଲି ଭାବି ସେ ବିଷୟରେ ଚିନ୍ତା କରନ୍ତୁ ନାହିଁ । ଏସବୁ ନ କରିବାକୁ କହିବାର କାରଣ ହେଉଛି କୃଷ୍ଣମୂର୍ତ୍ତି ଯାହା କହିଛନ୍ତି ତାହା ପୃଥିବୀ ଇତିହାସରେ ଆଗରୁ କେହି କହି ନଥିଲେ ବୋଲି କହିବା ଅତ୍ୟୁକ୍ତି ହୋଇପାରେ । ମାତ୍ର ବୁଦ୍ଧଙ୍କ ଛଡ଼ା ଏତେ ପରିଷ୍କାର ଭାବରେ ସେପରି କେହି କହି ନଥିଲେ । ତାହା ଛଡ଼ା ତାଙ୍କୁ ଜଣେ ଧାର୍ମିକ ଗୁରୁ ପରିବର୍ତ୍ତେ ଭଲ ସାଙ୍ଗ ବୋଲି ମାନି ନେଲେ ବୁଝିବା ସହଜ ହୋଇପାରେ । ଆଚାର ବ୍ୟବହାର, ପାପ ପୂଣ୍ୟ, ସମାଜ ଓ ତାହାର ରୀତିନୀତି ଏସବୁ ବିଷୟରେ ତାଙ୍କର ଧାରଣା ପୂରାପୂରି ଅଲଗା । ତାଙ୍କର କହିବାର ଉଦ୍ଦେଶ୍ୟ ଓ ଆମର ତାହା ବୁଝିବା ପୂରାପୂରି ଓଲଟା ହୋଇପାରେ । ସେ ବାରମ୍ବାର କହିଛନ୍ତି ତାଙ୍କର ଭାବନାକୁ ବ୍ୟାଖ୍ୟା କରିବାର କାହାର ଅଧିକାର ନାହିଁ । ଯେମିତି ପୋଷ୍ଟ ଅଫିସ ଆମ ଚିଠିକୁ ସିନା ବନ୍ଧୁଙ୍କ ପାଖରେ ପହଞ୍ଚାଇଦେବ, କିନ୍ତୁ ଚିଠିର ବିଷୟ ବସ୍ତୁ ବଦଳାଇ ପାରିବ ନାହିଁ । ସେହିପରି ଅନ୍ୟ କୌଣସି ଲୋକ ବା ସଂସ୍ଥା ତାଙ୍କ ଲେଖାରେ କିଛି ଯୋଡ଼ି ପାରିବ ନାହିଁ । KFI ବି ନୁହେଁ । କିନ୍ତୁ ଏହା ଏତେ ସହଜ ନୁହେଁ । ଏହି ଲେଖାଟି ଲେଖିଲାବେଳେ ମଧ୍ୟ ଲେଖକର ସେହି ଭୁଲଟି ହୋଇ ଯାଇ ଥାଇପାରେ ।

ପ୍ରବନ୍ଧର ଉଦ୍ଦେଶ୍ୟ ଯଦି କିଛି ଭୁଲ ବୁଝାମଣା ଅଛି ତାହାକୁ ଦୂର କରିବା । ମାନସିକ ପ୍ରଚେଷ୍ଟା ଦ୍ୱାରା କୃଷ୍ଣମୂର୍ତ୍ତିଙ୍କ ସ୍ୱାଦ ଆହରଣ ସମ୍ଭବ ନୁହେଁ । ଯାହାଦ୍ୱାରା ତାହା ସମ୍ଭବ, ତାହା କହିବା ସମ୍ଭବ ହେଲେ ହେଁ ତଦ୍ୱାରା ବେଶି ଯୁକ୍ତିତର୍କ ଓ କମ ବୁଝାମଣା ହୁଏ । ତେବେ ମନ ଛଡ଼ା ଆଉ ଗୋଟେ ଅନ୍ତର୍ନିହିତ ସାମର୍ଥ୍ୟ ଦ୍ୱାରା ତାହା ବୁଝିହୁଏ । ଯେମିତି କବିତା ପଢ଼ିବା ପରି । ଆମେ କ'ଣ ସତରେ କହିପାରିବା ସେଲିଙ୍କ Skylark ଆଉ ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳୀ ଆମେ ମାନସିକ ଶକ୍ତି ଦ୍ୱାରା ବୁଝୁ ? ଏମିତିକି କାଳିଜାଇ ବା ମହାନଦୀରେ ଜ୍ୟୋସ୍ନା ବିହାର କବିତାଗୁଡ଼ିକ ? ମଣିଷର କେଉଁ ସୂକ୍ଷ୍ମତନ୍ତ୍ରୀଟି ହଠାତ୍ କାହାଦ୍ୱାରା ଆନ୍ଦୋଳିତ ହୁଏ ତାହାର ପରିପ୍ରକାଶ ସବୁବେଳେ ସମ୍ଭବ ନୁହେଁ । ସେଥିପାଇଁ ବୋଧହୁଏ ଆଧ୍ୟାତ୍ମିକ ସାଧନାରେ ମୌନ ବା Silenceକୁ ଗୁରତ୍ୱ ଦିଆଯାଏ ।

କୃଷ୍ଣମୂର୍ତ୍ତିଙ୍କୁ ଜଣେ ଧର୍ମଗୁରୁ ବୋଲି ମାନିବା ତାଙ୍କ ଲେଖାକୁ ବୁଝିବାରେ ସବୁଠାରୁ ବାଧକ ସାଜେ । ଧର୍ମଗୁରୁ ମାନିଲେ ଆମେ ତହିଁରୁ

କାର୍ଯ୍ୟପନ୍ଥା ଖୋଜୁ ବା ପଥଟିଏ ଆବିଷ୍କାର କରିବାକୁ ଚେଷ୍ଟା କରୁ । ତାଙ୍କର ଚେଷ୍ଟା ତାହା ନ କରିବା । ସେ ଲେଖିଥିବେ ସକାଳୁ ଉଠି ଫୁଲକୁ କେବେ ଭଲକରି ଅନେଇଛନ୍ତି ? ଆମେ ତହିଁରୁ କ'ଣ କାର୍ଯ୍ୟପନ୍ଥା କାଢ଼ି ପାରିବା ? ଫୁଲକୁ ଅନେଇଲେ ତ ସମାଧି ହୁଏ ନାହିଁ । ତେବେ ଫୁଲକୁ ଅନେଇ (ତାକୁ ଛିଣ୍ଡେଇ ଠାକୁରଙ୍କ ମୂର୍ତ୍ତିରେ ନଦେଇ)ଲେ ହୁଏତ ଫୁଲର ବିଭିନ୍ନ ରଙ୍ଗର ଛଟା ଯେ ସର୍ବ ଶକ୍ତିମାନଙ୍କ ପ୍ରକାଶ, ତାହା ଯେ ବିନା ମତଲବରେ ସୁଗନ୍ଧ ବିଛୁରିତ କରେ; ସବୁଫୁଲ ଯେ ଅନନ୍ୟ ଗୋଟିଏ ଫୁଲ ଅଲଗା ସୁନ୍ଦର ଫୁଲ ଦେଖି ପ୍ରତିଯୋଗିତା କରି ନକଲ କରେ ନାହିଁ । ଏ ସବୁ ହୁଏତ ଗୋଟିଏ ମନୁଷ୍ୟକୁ କିଛି ଶିକ୍ଷା ଦେଇପାରେ । କାଲି ଝଡ଼ିଯିବା ପାଇଁ ଫୁଲ ଚିନ୍ତାକରେ ନାହିଁ । ଫୁଲଟିକୁ ଭଲ ପାଇବା ପାଇଁ କୋଟିପତି ହେବା ଆବଶ୍ୟକ ନୁହେଁ; ଯେଉଁ କୋଟିପତି, ଫୁଲ ବା କବିତା ବା ଗଙ୍ଗୋତ୍ରୀ ବା ନିଜ ସନ୍ତାନ ସହିତ ସମୟ କଟାଇବାର ଆନନ୍ଦ ପାଇ ନାହିଁ ସେ ହୀରା ଛାଡ଼ି କାଚ ପଛରେ ଧାବମାନ – ଏହି ଶିକ୍ଷା ତ ଦେଇପାରେ ।

ତେଣୁ ସୁବିଧା ସୁଯୋଗ ଥିଲେ ଗୋଟିଏ ପୁସ୍ତକ ଆଣି ଓଲଟାଉନ୍ତୁ ନା ? କ୍ଷତି କ'ଣ ହୋଇଯିବ ? ଆଉ ଯଦି ଲାଭ ହୁଏ ମନେ ମନେ ଲେଖକଙ୍କୁ ଧନ୍ୟବାଦ ଦେଲେ ଯଥେଷ୍ଟ ।

❖ ❖ ❖

---

ଲେଖକ ବିଶ୍ୱଧାରାର ସହ-ସଂପାଦକ

# ବୌଦ୍ଧଧର୍ମ ଓ ବ୍ରହ୍ମବିଦ୍ୟା ସମିତି

**ପୌର୍ଣ୍ଣମାସୀ ପଟ୍ଟନାୟକ**

ମାନବ ସଭ୍ୟତାର ଇତିହାସକୁ ଅନୁଧ୍ୟାନ କଲେ ଦେଖିବାକୁ ମିଳେ ବହୁ ମହାମନିଷୀଗଣ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ଜନ୍ମଗ୍ରହଣ କରି ସେହି ଦେଶମାନଙ୍କର ତତ୍‌କାଳୀନ ଧାର୍ମିକ ସ୍ଥିତି, ସଂକୃତି ଓ ପରମ୍ପରାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଯୁଗୋପଯୋଗୀ ଧର୍ମ ପ୍ରଚାର କରି ମାନବ ଜାତିକୁ ନୂତନ ଦିଗ୍‌ଦର୍ଶନ ଦେଇଯାଇଛନ୍ତି। କହିବାକୁ ଗଲେ ସଭ୍ୟତାର କ୍ରମବିକାଶ ସହ ତାଳ ଦେଇ କେତେକ ତୁଙ୍ଗ ସମାଜ ସଂସ୍କାରକ ତଥା ବିପ୍ଳବୀ ମହାପୁରୁଷଙ୍କ ଦ୍ୱାରା ସନାତନ ଧର୍ମ ପରିବର୍ତ୍ତିତ ତଥା ପରିମାର୍ଜିତ ହୋଇ ନୂତନ ଧର୍ମରୂପେ ମାନବ ଜାତି ସମ୍ମୁଖରେ ଉପସ୍ଥାପିତ ହୋଇଛି। ଆଜକୁ ପ୍ରାୟ ୨୫୫୦ ବର୍ଷ ପୂର୍ବେ (ବୈଦିକ ଓ ଉପନିଷଦ ଯୁଗ ପରେ ପରେ) ବ୍ରାହ୍ମଣ୍ୟ ଧର୍ମ ବା ପୁରୋହିତବାଦ ଭାରତରେ ପ୍ରାଧାନ୍ୟ ଲାଭ କରିଥିଲା। ବେଦ ଉପନିଷଦର ଦିବ୍ୟବାଣୀ ପରିବର୍ତ୍ତେ କର୍ମକାଣ୍ଡ ଉପରେ ପ୍ରାଧାନ୍ୟ ଦିଆଗଲା। ବୃତ୍ତିଗତ ଜାତି ପ୍ରଥାକୁ ରୂପାନ୍ତର କରାଯାଇ ଜନ୍ମଗତ ବୃତ୍ତି ପ୍ରଥାରେ ପରିଣତ କରାଗଲା। ଫଳରେ ସୃଷ୍ଟି ହେଲା ଉତ୍କଟ ଜାତିଭେଦ ପ୍ରଥା। ଏଥି ସହିତ ସାଧାରଣ ଜନତାଙ୍କ ନିମନ୍ତେ କଠିନ ପୂଜାପାଠ, ବ୍ରତ, ଉପବାସ ସହ ଯାଗ, ଯଜ୍ଞ, ପଶୁବଳୀ ଇତ୍ୟାଦି କରିବାକୁ ରାଜା, ମହାରାଜ ଓ ଧନିକ ଗୋଷ୍ଠୀଙ୍କୁ ପ୍ରବର୍ତ୍ତାଇ ତାହା ହିଁ ମୁକ୍ତିର ମାର୍ଗ ବୋଲି କିଛି ସ୍ୱାର୍ଥାନ୍ୱେଷୀ ରକ୍ଷଣଶୀଳ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଚାର ହେଲା। ଧର୍ମଶାସ୍ତ୍ର ଅଧ୍ୟୟନ ଓ କର୍ମକାଣ୍ଡ ଅନୁସାରେ କର୍ମ କରିବାର ଅଧିକାର କେବଳ ପୁରୋହିତମାନଙ୍କ ପାଖରେ ରହି ଏକ ଚାଟିଆ ବ୍ୟବସାୟ ରୂପେ ପରିଣତ ହେଲା। ସାଧାରଣ ଜନତା କୁସଂସ୍କାର, ଅପସଂସ୍କାର ଓ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ନିଷ୍ପେସିତ ହେଲେ।

ଏହି ପୃଷ୍ଠଭୂମିରେ ଖ୍ରୀ.ପୂ. ୬୨୩ ମସିହାରେ ଶାକ୍ୟମୁନି ଗୌତମବୁଦ୍ଧ ଏହି ଧରାଧାମରେ ଅବତୀର୍ଣ୍ଣ ହୋଇ ଉପରୋକ୍ତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଜୀବହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାଧାରଣ ଜନତାଙ୍କ ମନରେ ଆତ୍ମ ବିଶ୍ୱାସ ଓ ଆତ୍ମବଳ ଆଣିବାକୁ ଚେଷ୍ଟା କରି

ତତ୍‌କାଳୀନ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ସେ ତତ୍‌କାଳୀନ ପ୍ରଚଳିତ ଧର୍ମ ତଥା ସଂସ୍କୃତିକୁ ପରିମାର୍ଜିତ କରି ଏକ ସଂସ୍କାରଭିତ୍ତିକ ଧର୍ମର ପ୍ରବର୍ତ୍ତନ କଲେ ଯାହାର ମୂଳଭିତ୍ତି ହେଉଛି ସତ୍ୟ, ଅହିଂସା, କରୁଣା ଓ ମୈତ୍ରୀ। ବୁଦ୍ଧ ଥିଲେ ବହୁବିଧ ସଂସ୍କାରର କର୍ତ୍ତା, ପ୍ରବକ୍ତା, ପରମ କାରୁଣିକ, ଜ୍ଞାନପ୍ରବୁଦ୍ଧ, ସତ୍ୟଦ୍ରଷ୍ଟା ଅସାଧାରଣ ମାନବ ତଥା ଆଦର୍ଶ ମହାପୁରୁଷ। ମନୁଷ୍ୟର ଆଧ୍ୟାତ୍ମିକ ଜୀବନରେ ଉତ୍କର୍ଷ ଓ କର୍ତ୍ତବ୍ୟନିଷ୍ଠ ଜୀବନଯାପନ ନିମନ୍ତେ ବୁଦ୍ଧ ଦେଇଥିଲେ ଅମୂଲ୍ୟ ଉପଦେଶ ଓ ଅଗାଧ ଜ୍ଞାନ।

ତତ୍‌କାଳୀନ ସମାଜରେ ନ୍ୟସ୍ତସ୍ୱାର୍ଥ ରକ୍ଷଣପନ୍ଥୀମାନେ ସାଧାରଣ ମନୁଷ୍ୟମାନଙ୍କ ମଧ୍ୟରେ ବଦ୍ଧମୂଳ ଧାରଣା ସୃଷ୍ଟି କରିଥିଲେ ଯେ ସମସ୍ତ ପ୍ରକାର ସୁଖ ବା ଦୁଃଖ ଈଶ୍ୱରଙ୍କ ଇଚ୍ଛାରେ ଏବଂ ବିଭିନ୍ନ ଦେବଦେବୀଙ୍କ ହାତରେ ଅଛି। ତେଣୁ ଏହି ଦେବ ଦେବୀଙ୍କୁ ପୂଜାପାଠ, ଯାଗଯଜ୍ଞ, ବଳି ଇତ୍ୟାଦି ଦ୍ୱାରା ସନ୍ତୁଷ୍ଟ କଲେ ଦୁଃଖ ଦୂର ହେବା ସହ ସୁଖ ପ୍ରାପ୍ତି ହେବ ଏବଂ ମୃତ୍ୟୁ ପରେ ସ୍ୱର୍ଗଲାଭ ହେବ। ଏହି ପୂଜାପାଠ କେବଳ ପୂରୋହିତମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇପାରିବ ଏବଂ ଅନ୍ୟମାନଙ୍କର ଏ ଅଧିକାର ନାହିଁ।

ବୁଦ୍ଧ ମୌଳବାଦୀଙ୍କର ଏହି କୁସଂସ୍କାର ପୂର୍ଣ୍ଣ ସ୍ୱାର୍ଥାନ୍ଧ ପ୍ରଥା ବିରୁଦ୍ଧରେ ବିଦ୍ରୋହ କରି ଏକ ଦୁଃଖତତ୍ତ୍ୱର ଅବତାରଣା କଲେ। ସେ ଈଶ୍ୱର ତଥା ଦେବଦେବୀଙ୍କ ପାଖକୁ ପୁରୋହିତମାନଙ୍କ ମାଧ୍ୟମରେ ଯିବାର ପନ୍ଥାକୁ ଦୂର କରି ଈଶ୍ୱରତ୍ୱ ବା ଦେବତ୍ୱକୁ ମନୁଷ୍ୟର ଅନ୍ତର ମଧ୍ୟକୁ ନେଇ ଆସିଲେ। ସେ ଦୁଃଖ ଦୂର କରିବା ନିମନ୍ତେ 'ଚତୁର୍ମହାନ ସତ୍ୟ'ର ମାର୍ଗ ପ୍ରଦର୍ଶନ କଲେ। ତାହା ହେଉଛି ୧. ଜୀବନ ଦୁଃଖପୂର୍ଣ୍ଣ, ୨. ଦୁଃଖର କାରଣ ଅଛି, ୩. ଦୁଃଖର ବିନାଶ ଅଛି, ୪. ଦୁଃଖ ଦୂର କରିବାର ଉପାୟ ଅଛି। ଏହି ଚତୁଃର୍ମହାନ ସତ୍ୟ ଅନୁଯାୟୀ ୧– ଦୁଃଖ ହେଉଛି ଜନ୍ମ, ଜରା, ବ୍ୟାଧି ଓ ମୃତ୍ୟୁ। ଏହା ବ୍ୟତୀତ ଅପୂର୍ଣ୍ଣତା, ଅସ୍ଥିରତା, ସଂଶୟ ଇତ୍ୟାଦି ଦୁଃଖର ଅନ୍ତର୍ଭୁକ୍ତ। ୨– ଦୁଃଖର କାରଣ ହେଉଛି ତୃଷ୍ଣା କାମନା, ଲାଳସା ଓ ଆସକ୍ତି। ଦୁଃଖର କାରଣକୁ ବୁଝିପାରିଲେ ଜଣେ ଦୁଃଖର ବିନାଶର ପଥକୁ ମଧ୍ୟ ଦେଖିପାରିବ। ୩ – ଦୁଃଖର ବିନାଶ ହେଲେ ହିଁ ଜଣେ ନିର୍ବାଣ ଲାଭ କରିପାରିବ। ବୌଦ୍ଧ ଦର୍ଶନ ଅନୁଯାୟୀ

ନିର୍ବାଣର ଅର୍ଥ ସମସ୍ତ ପ୍ରକାର ତୃଷ୍ଣା ବା ଆସକ୍ତିରୁ ମୁକ୍ତି। ମଣିଷ ଲୋଭ, ମୋହ, ରାଗ, ଦ୍ୱେଷ ଓ ଇନ୍ଦ୍ରିୟ ଭୋଗଲାଳସାକୁ ତ୍ୟାଗ କରି ସୁଖ ଓ ଦୁଃଖରେ ସ୍ଥିର ଚିତ୍ତ ରହିଲେ ଏହି ଅବସ୍ଥା କେତେକଙ୍କ ମତରେ ଜୀବୀତାବସ୍ଥାରେ ନିର୍ବାଣ ବୋଲି କୁହାଯାଏ। ଏହି ଅବସ୍ଥାକୁ ଜୀବନ୍ମୁକ୍ତ ଅବସ୍ଥା ମଧ୍ୟ କୁହାଯାଏ। ନିର୍ବାଣ ହେଉଛି ଏକ ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ରୂପାନ୍ତର ଏବଂ ପରମ ଆନନ୍ଦଦାୟକ ଅବସ୍ଥା ଯାହାକୁ କେବଳ ଉପଲବ୍ଧି କରିହେବ କିନ୍ତୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ନିର୍ବାଣ ଲାଭ ହେଉଛି ଜୀବନର ପରମ ସତ୍ୟ। ୪- ଦୁଃଖ ଦୂର କରିବାର ଉପାୟ ଅଛି ଯାହା "ମହାନ ଅଷ୍ଟାଙ୍ଗ ମାର୍ଗ" ନାମରେ ନାମିତ। ଏଗୁଡ଼ିକ ହେଲା ୧- ସତ୍‌ଦୃଷ୍ଟି, ୨- ସତ୍‌ସଂକଳ୍ପ, ୩-ସତ୍‌ବାଚ, ୪-ସତ୍‌କର୍ମ, ୫-ସତ୍ ଜୀବିକା, ୬-ସତ୍ ପ୍ରୟାସ, ୭-ସତ୍ ସ୍ମୃତି ଓ ୮- ସତ୍ ସମାଧି। ଏହି ଅଷ୍ଟାଙ୍ଗ ମାର୍ଗଗୁଡ଼ିକ ପରସ୍ପର ଉପରେ ଓ ପରସ୍ପର ସହିତ ନିର୍ଭରଶୀଳ ଓ ସଂଶ୍ଳିଷ୍ଟ। ଦୈନନ୍ଦୀନ ଜୀବନରେ ଏହି ମାର୍ଗଗୁଡ଼ିକୁ ଅଭ୍ୟାସ କରି ଆଚରଣରେ ପ୍ରତିଫଳିତ କଲେ ନିର୍ବାଣ ପ୍ରାପ୍ତି ହୋଇପାରିବ। ଏହି ଅଷ୍ଟାଙ୍ଗ ମାର୍ଗକୁ ତିନିଗୋଟି ମୁଖ୍ୟ ଭାଗ୍ୟରେ ବିଭକ୍ତ କରାଯାଇଛି। ଯଥା, ଶୀଳ, ସମାଧି ଓ ପ୍ରଜ୍ଞା। 'ଶୀଳ' ଅର୍ଥ ନୈତିକ ଆଚରଣ ଯାହାକୁ ସତ୍‌ବାଚ, ସତ୍‌କର୍ମ ଓ ସତ୍ ଜୀବିକା ଦ୍ୱାରା ପ୍ରାପ୍ତ କରାଯାଇପାରିବ। 'ସମାଧି' ହେଉଛି ମାନସିକ ସଂଯମ ତଥା ଉତ୍କର୍ଷ। ଏହାଦ୍ୱାରା ସତ୍ ପ୍ରୟାସ, ସତ୍‌ସ୍ମୃତି ଓ ଧ୍ୟାନ ମାଧ୍ୟମରେ ମନ ମଧ୍ୟରେ ଥିବା ଈର୍ଷା, ଅସହିଷ୍ଣୁତା, ମନର ଅସ୍ଥିରତା ଇତ୍ୟାଦି ମନ୍ଦଚିନ୍ତାକୁ ତ୍ୟାଗ କରି ସଦ୍‌ଭାବନା ରୋପଣ କରିବା ବା ମାନସିକ ସ୍ତରରେ ଶୃଙ୍ଖଳିତ ହେବା। ଶେଷ ବିଭାଗଟି ହେଲା ପ୍ରଜ୍ଞା। ଏହା ସତ୍ ଦୃଷ୍ଟି ଓ ସତ୍‌ସଂକଳ୍ପ ଦ୍ୱାରା ସାଧିତ ହୁଏ। ଅର୍ଥାତ୍ ଏହି ଦୁଇ ମାର୍ଗରେ ଗତି କଲେ ପ୍ରଜ୍ଞା ବା ସଦ୍‌ଜ୍ଞାନ ପ୍ରାପ୍ତ ହୁଏ।

ଉପରୋକ୍ତ ଚାରିଗୋଟି ମହାନ ସତ୍ୟ (ଚତୁର୍ମହାନ ସତ୍ୟ) ମାଧ୍ୟମରେ ବୁଦ୍ଧ ଜନସାଧାରଣଙ୍କୁ ଶିକ୍ଷା ଦେଇ କହୁଥିଲେ- ଆତ୍ମ ଦୀପୋ ଭବ" ଅର୍ଥାତ୍ ପ୍ରତ୍ୟେକ ମଣିଷ ନିଜେ ନିଜର ଅବଲମ୍ବନ ହୁଅ। ମୁଁ କେବଳ ପଥପଦର୍ଶକ। କିନ୍ତୁ ପଥ ଅତିକ୍ରମ କରିବା ଦାୟିତ୍ୱ ଓ ପ୍ରଚେଷ୍ଟା ତୁମର। ଦୁଃଖ ବା ସୁଖ ସବୁ ତୁମ ନିଜ ହାତରେ ଅଛି। ତାହା ତୁମର କର୍ମ, ଭାବନା ଓ ଜ୍ଞାନ ଉପରେ ନିର୍ଭରଶୀଳ କୌଣସି ଦେବଦେବୀଙ୍କ

ହାତରେ ନାହିଁ। ମହାନ ଅଷ୍ଟାଙ୍ଗ ମାର୍ଗରେ ପରିଚାଳିତ ହେଲେ ତୁମ୍ଭର ଜୀବନ ମଙ୍ଗଳମୟ ହେବ ଓ ତୁମେ ନିର୍ବାଣ ଲାଭ କରିବାରେ ସଫଳ ହେବ।

ବୁଦ୍ଧ ତାଙ୍କ ଶିଷ୍ୟମାନଙ୍କୁ 'ମଧ୍ୟମ ମାର୍ଗ' ଅବଲମ୍ବନ କରିବାକୁ ଉପଦେଶ ଦେଉଥିଲେ। ତାଙ୍କ ମତରେ ଅତିଶୟ ଭୋଗବିଳାସପୂର୍ଣ୍ଣ ଜୀବନ ପାଇଁ ଲାଳସା ହେଉଛି ଦୁଃଖର କାରଣ। ତେଣୁ ଏହାକୁ ପରିତ୍ୟାଗ କରିବା ଉଚିତ୍। ସେହିପରି ଶରୀରକୁ ଅତିଶୟ କଷ୍ଟ ଦେଇ (ଆତ୍ମନିଗ୍ରହ ଜୀବନ ଯାପନ) ଜୀବନଯାପନ କଲେ ଜୀବନ ନିରାଶା ମଧ୍ୟରେ ଗତି କରେ ଓ ଏହା ସାଧନାରେ ବାଧା ସୃଷ୍ଟି କରେ। ତେଣୁ ଏହି ଦୁଇ ଚରମ ସୀମାକୁ ପରିତ୍ୟାଗ କରି "ମଧ୍ୟମ ପନ୍ଥା" ଗ୍ରହଣ କରିବା ଉଚିତ୍। ବୁଦ୍ଧଙ୍କର ଦର୍ଶନର ଆଉ ଏକ ବିଶେଷତ୍ୱ ହେଉଛି ଯେ ବୁଦ୍ଧ ତାଙ୍କ ଶିଷ୍ୟମାନଙ୍କୁ କୌଣସି ତତ୍ତ୍ୱ, ସିଦ୍ଧାନ୍ତ, ଦର୍ଶନ ଓ ପରମ୍ପରାକୁ ବିନା ବିଶ୍ଳେଷଣ ବା ପରୀକ୍ଷା ନୀରିକ୍ଷାରେ ଗ୍ରହଣ ନ କରିବାକୁ ପରାମର୍ଶ ଦେଉଥିଲେ। ସେ କହୁଥିଲେ– "ଏପରିକି ମୁଁ କହିଲେ ମଧ୍ୟ ବିନା ବିଶ୍ଳେଷଣରେ ଗ୍ରହଣ କରିନିଅ ନାହିଁ।" ବୁଦ୍ଧଙ୍କ ଶିକ୍ଷାରେ 'ଉପଲବ୍ଧି'କୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ତାଙ୍କ ମତରେ 'ଉପଲବ୍ଧି' ଜ୍ଞାନ ହିଁ ପ୍ରକୃତ ଜ୍ଞାନ ଯାହା ନିର୍ବାଣ ପ୍ରାପ୍ତି ଦିଗରେ ଆଗେଇ ନିଏ।

ବୁଦ୍ଧଙ୍କର ବାଣୀ ବା ଶିକ୍ଷା ସମୂହ "ତ୍ରିପିଟକ" ନାମକ ଗ୍ରନ୍ଥରେ ନାମିତ। ଏହି ଗ୍ରନ୍ଥଟି ତିନିଗୋଟି ଭାଗରେ ବିଭକ୍ତ ଯଥା :ସୁତ୍ତପିଟକ (ଧର୍ମ ଆଲୋଚନା ବିଭାଗ) ୨– ବିନୟ ପିଟକ (ଧର୍ମ ପାଳନ ନିୟମାବଳୀ ବିଭାଗ) ୩ – ଅଭିଧର୍ମ ପିଟକ (ଧର୍ମର ମୌଳିକ ଦର୍ଶନ ଓ ତତ୍ତ୍ୱ ବିଭାଗ)। ସୁତ୍ତପିଟକରେ "ଧମ୍ମପଦ" ନାମକ ଏକ ଉତ୍କୃଷ୍ଟ ପୁସ୍ତକରେ ବୁଦ୍ଧଙ୍କର ବହୁ ମୂଲ୍ୟବାନ ଉପଦେଶ ସଂଗୃହିତ ହୋଇ ରହିଅଛି। ଏହି ତ୍ରିପିଟକ ଗ୍ରନ୍ଥରେ ଉଲ୍ଲେଖ ଥିବା ବିଭିନ୍ନ ଶିକ୍ଷା ଓ ଉପଦେଶ ମଧ୍ୟରୁ ଚତୁର୍ମହାନ ସତ୍ୟ, ମହାନ ଅଷ୍ଟାଙ୍ଗ ମାର୍ଗ, କର୍ମ, ପୁନର୍ଜନ୍ମ, ପଞ୍ଚଶୀଳ, କାରଣ–ପରିଣାମ ତତ୍ତ୍ୱ, ଅନାତ୍ମ ତତ୍ତ୍ୱ, ବ୍ୟକ୍ତିତ୍ୱର ବିଶ୍ଳେଷଣ, ନିର୍ମାଣ, ଉତ୍ପତ୍ତିର ଅବଲମ୍ବନ (Doctrine of Dependent Origin) ଓ ଉତ୍କୃଷ୍ଟ ନୈତିକତାର ଉପଦେଶାବଳୀ ଅନ୍ୟତମ। ବୁଦ୍ଧଙ୍କର ଶିକ୍ଷାର ଆଉ ଏକ ବିଶିଷ୍ଟ ଦିଗ ହେଉଛି ମୈତ୍ରୀ (Love), କରୁଣା (Compassion), ଆନନ୍ଦ

(Joy) ଓ ପ୍ରଶାନ୍ତି (Serenity), ବୁଦ୍ଧ ତାଙ୍କ ଶିଷ୍ୟମାନଙ୍କୁ ଏହି ଚାରିଗୋଟି ଗୁଣକୁ ନିଜ ଅନ୍ତରରେ ପ୍ରସ୍ଫୁଟିତ କରିବାକୁ ଉପଦେଶ ଦେଉଥିଲେ। ଏଥି ମଧ୍ୟରୁ ସବୁଠାରୁ ମହାନ ଭାବ ହେଉଛି ମୈତ୍ରୀ ବା ପ୍ରେମ। ପାଲିରେ ଏହାକୁ (Melt) ବା ମେତ କୁହାଯାଏ। ବୌଦ୍ଧଶାସ୍ତ୍ରର ସୁଇନିପାଡରେ ବର୍ଣ୍ଣନା କରାଯାଇଛି "ଦୁର୍ବଳ ବା ସବଳ, କ୍ଷୁଦ୍ର ବା ବୃହତ, ଦୃଶ୍ୟ ବା ଅଦୃଶ୍ୟ, ଜାତି ବା ଜନ୍ମ ହେବାକୁ ଯାଉଥିବା ସକଳ ପ୍ରାଣୀ ପୂର୍ଣ୍ଣ ଉଲ୍ଲାସରେ ରହନ୍ତୁ।" ବୁଦ୍ଧ ନିଜେ ଥିଲେ ମୈତ୍ରୀ, ଅହିଂସା ଓ କରୁଣାର ଅବତାର। ତାଙ୍କର ପ୍ରେମ ଓ କରୁଣା ଥିଲା ସମଗ୍ର ଜୀବ ଜଗତ ପାଇଁ। ସେ ତାଙ୍କ ଅସୀମ ପ୍ରେମ ଓ କରୁଣା ଦ୍ୱାରା କୁଖ୍ୟାତ ଦସ୍ୟୁ ଅଙ୍ଗୁରୀମାଳକୁ ସନ୍ନ୍ୟାସୀରେ ପରିଣତ କରିଥିଲେ। ନାଲାଗିରୀ ନାମକ ଏକ ମଦମତ୍ତ ହସ୍ତୀକୁ ଶାନ୍ତ କରାଇଥିଲେ ଏବଂ ଆମ୍ରପାଲ୍ଲୀକୁ ସାଧ୍ୱୀରେ ପରିଣତ କରାଇଥିଲେ। କୁହାଯାଏ ବୁଦ୍ଧଙ୍କର ପ୍ରେମ ଓ କରୁଣାର ଆଭା (Aura) ଚାଳିଶ ମାଇଲ ଧରି ବ୍ୟାପି ରହୁଥିଲା। ବୁଦ୍ଧ ମାନବ ଜାତିର ଐକ୍ୟ ଉପରେ ଜୋର ଦେଉଥିଲେ। ଜାତିପ୍ରଥା, ସାଂପ୍ରଦାୟିକ ଭେଦଭାବ ବିରୁଦ୍ଧରେ ଦୃଢ ମତପୋଷଣ କରୁଥିଲେ। ସେ କହୁଥିଲେ ମନୁଷ୍ୟର ଜାତି, ଗୋଷ୍ଠୀ, ବର୍ଣ୍ଣ, ବଂଶଗତ ବା ଧର୍ମ ସାଂପ୍ରଦାୟିକତା କାରଣରୁ ପରସ୍ପରଠାରୁ ପୃଥକ ନୁହେଁ ବରଂ ତାର ନିଜ କର୍ମ (ଅକୁଶଳ ବା କୁଶଳ କର୍ମ) ହେତୁ ପରସ୍ପରଠାରୁ ଭିନ୍ନତାର କାରଣ ହୋଇଥାଏ।

ବୁଦ୍ଧଙ୍କର ଶିକ୍ଷା ଓ ଦର୍ଶନକୁ ଅନୁଶୀଳନ କଲେ ଜଣାଯାଏ ଯେ ଏହା ଏକ ବାସ୍ତବବାଦୀ ଧର୍ମ। ଏଥିରେ କାଳ୍ପନିକତା ବା ଅପ୍ରାସଙ୍ଗିକତାର ସ୍ଥାନ ନାହିଁ। ଏହି ଦର୍ଶନ ଓ ତତ୍ତ୍ୱ ଅଜ୍ଞାନ, ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୂର କରିବା ସହ ଈଶ୍ୱର ବା ଦେବଦେବୀ ସମ୍ବନ୍ଧୀୟ ଅହେତୁକ ଭୟକୁ ମନୁଷ୍ୟର ମନ ମଧ୍ୟରୁ ବହିଷ୍କାର କରିଥାଏ, ଏଥି ସହିତ ସୃଷ୍ଟିର ରହସ୍ୟ ସମ୍ବନ୍ଧୀୟ ସତ୍ୟକୁ ଉନ୍ମୋଚନ କରିବାରେ ସାହାଯ୍ୟ କରିଥାଏ। ନିଜ ଚେଷ୍ଟା ବଳରେ କିପରି ଜୀବନରୁ ଦୁଃଖ ଦୂର କରାଯାଇ ପ୍ରକୃତ ଆନନ୍ଦ ଉପଲବ୍ଧି କରିପାରିବ ତାହା ଏହି ଧର୍ମ ତତ୍ତ୍ୱ ଦର୍ଶାଇଥାଏ।

ବୌଦ୍ଧଧର୍ମ ଓ ଦର୍ଶନର ପ୍ରଭାବ ଆମର ବ୍ରହ୍ମବିଦ୍ୟା ସମିତି (ଥିଓସୋଫିକାଲ ସୋସାଇଟି)ର ସଂସ୍ଥା ତଥା ଶିକ୍ଷା ପରିସରରେ ପରିଲକ୍ଷିତ ହୁଏ। ଅତୀନ୍ଦ୍ରିୟ ଶକ୍ତିର ଅଧିକାରୀଣୀ ଋଷିୟ ମହିଳା ହେଲେନା

ପେଟ୍ରୋଭ୍‌ନା ବ୍ଲାଭଟ୍‌ସ୍କି ଓ ତାଙ୍କର ଆମେରେକୀୟ ସହଯୋଗୀ ଋଷିପ୍ରତିମ କର୍ଣ୍ଣେଲ 'ଅଲକଟଙ୍କ' ଦ୍ୱାରା ୧୮୭୫ ମସିହାରେ ନଭେମ୍ବର ୧୭ ତାରିଖରେ ଆମେରିକାର ନିୟୁର୍କ ଠାରେ ବ୍ରହ୍ମବିଦ୍ୟା ସମିତି ପ୍ରତିଷ୍ଠା କରିଥିଲେ। ଏହି ପ୍ରତିଷ୍ଠାତ୍ରୀ ପ୍ରତିଷ୍ଠାତା ବୌଦ୍ଧ ଦର୍ଶନ ଦ୍ୱାରା ଆକୃଷ୍ଟ ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣା ସହ ଜଡିତ ହୋଇ ୧୮୮୦ ମସିହା ମଇ ମାସରେ ଶ୍ରୀଲଙ୍କାରେ ଏକ ବିରାଟ ସଭାରେ ବିଧିବଦ୍ଧ ଭାବେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ଏହି ଦୁଇ ବିଶିଷ୍ଟ ପାଶ୍ଚାତ୍ୟବାସୀ ତଥା ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠାତ୍ରୀ ପ୍ରତିଷ୍ଠାତା ବୌଦ୍ଧ ହେବାପରେ ବୌଦ୍ଧଧର୍ମର ପ୍ରସାର ନିମନ୍ତେ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ। ପାଶ୍ଚାତ୍ୟ ଦେଶ ଯଥା ଇଉରୋପ, ଆମେରିକା, ଇଂଲଣ୍ଡ ଆଦି ଦେଶରେ ବୌଦ୍ଧ ଧର୍ମର ପ୍ରସାର ନିମନ୍ତେ ଏହି ଦୁଇଜଣଙ୍କ ଅବଦାନ ଅତୁଳନୀୟ। ସେହି ସମୟରେ ଶ୍ରୀଲଙ୍କାରେ ଖ୍ରୀଷ୍ଟମିଶନେରୀମାନେ ବୌଦ୍ଧ ଧର୍ମକୁ ଅତ୍ୟନ୍ତ ନିମ୍ନ ଦୃଷ୍ଟିରେ ଦେଖିବା ସହ ତାହାର ଅଧଃପତନ ନିମନ୍ତେ ସର୍ବଦା ଚେଷ୍ଟିତ ଥିଲେ। ୧୮୭୩ ମସିହାରେ ଶ୍ରୀଲଙ୍କାର ବୌଦ୍ଧଭିକ୍ଷୁ ମହାତିୱେତେ ଗୁଣାନନ୍ଦଙ୍କର ଖ୍ରୀଷ୍ଟିୟାନ ମିଶନେରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଧର୍ମତର୍କ ହୋଇଥିଲା। ଭିକ୍ଷୁ ଗୁଣାନନ୍ଦ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ମୁଖରେ ଉକ୍ତ ଧର୍ମତର୍କ ସଭାରେ ପ୍ରଥମଥର ଲାଗି ମିଶନେରୀମାନଙ୍କୁ ପରାସ୍ତ କରିଦେଲେ। କୁହାଯାଏ ମ୍ୟାଡାମ ବ୍ଲାଭଟ୍‌ସ୍କି ଓ କର୍ଣ୍ଣେଲ ଅଲକଟ ଆମେରିକାର ଖବରକାଗଜରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପଢ଼ି ଭିକ୍ଷୁ ଗୁଣାନନ୍ଦଙ୍କ ପାଖକୁ ଅଭିନନ୍ଦନ ପତ୍ର ପଠାଇଥିଲେ। କର୍ଣ୍ଣେଲ ଅଲକଟ୍ ବୌଦ୍ଧ ଧର୍ମର ଉତ୍‌ଥାନ ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ। ଶ୍ରୀଲଙ୍କାରେ ଏକ ଶିକ୍ଷା ଆନ୍ଦୋଳନର ସୁତ୍ରପାତ କରି ଚାରିଶହ ବୌଦ୍ଧ ବିଦ୍ୟାଳୟ ସ୍ଥାପିତ କରିଥିଲେ। ସେ ସମସ୍ତ ବୌଦ୍ଧ ସଂପ୍ରଦାୟ ଓ ସବୁ ଦେଶର ବୌଦ୍ଧଙ୍କ ନିମନ୍ତେ ଗୋଟିଏ ପତାକା ପ୍ରସ୍ତୁତ କରାଇବାର ଆବଶ୍ୟକତା ଅନୁଭବ କରିଥିଲେ ଏବଂ ୧୮୮୮ ମସିହାରେ ଜାପାନ ଯାଇଥିବା ଅବସରରେ ଜାପାନୀ ବୌଦ୍ଧମାନଙ୍କୁ ଏହି ପ୍ରସ୍ତାବ ଦେଇଥିଲେ ଏବଂ ଜାପାନୀମାନେ ଏହି ଆନ୍ତର୍ଜାତିକ ବୌଦ୍ଧ ପତାକାର ଆବଶ୍ୟକତା ହୃଦୟଙ୍ଗମ କରିଥିଲେ। ୧୯୨୫ ମସିହାରେ ଲଣ୍ଡନରେ ମହାବୋଧି ସୋସାଇଟିର ପ୍ରତିଷ୍ଠା ଅଲକଟଙ୍କ ଦ୍ୱାରା ପ୍ରସ୍ତୁତ ବୌଦ୍ଧ ପତାକା ତଳେ ଅନୁଷ୍ଠିତ

ହୋଇଥିଲା । ଏହି ପତାକା ଏକ ୬ରଙ୍ଗ ବିଶିଷ୍ଟ ପତାକା ଅଟେ । ଯେଉଁଥିରେ କି ନୀଳ, ହଳଦିଆ, କମଳା, ଧଳା, ଲାଲ ଓ ଧୂସର ରଙ୍ଗ ଦ୍ୱାରା ନିର୍ମିତ ଥିଲା । ଏହି ପତାକା ବୁଦ୍ଧଙ୍କର ଆଭା ସହ ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିଲା । କର୍ଣ୍ଣେଲ ଅଲକଟ ବୌଦ୍ଧମାନଙ୍କ ନିମନ୍ତେ ସରଳ ଭାଷାରେ ବୌଦ୍ଧ ପ୍ରଶ୍ନୋତ୍ତରମାଳା (The Buddhist Catechism) ନାମକ ଏକ ପୁସ୍ତକ ସ୍କୁଲର ପାଠ ନିମନ୍ତେ ଲେଖିଥିଲେ । ଏଥିନିମନ୍ତେ ତାଙ୍କୁ ବହୁତ କଷ୍ଟ କରିବାକୁ ପଡିଥିଲା । ଏହି ବହିକୁ ପ୍ରସ୍ତୁତ କରିବା ନିମନ୍ତେ ଅଲକଟ ୧୦,୦୦୦ ପୃଷ୍ଠା ବିଶିଷ୍ଟ ବୁଦ୍ଧଧର୍ମ ଉପରେ ଲିଖିତ ଇଂରାଜୀ ଓ ଫରାସୀ ଭାଷାର ପୁସ୍ତକ ପାଠ କରିଥିଲେ । ପରେ ପରେ ଉ.ଡ ଉରବୟଭରବୱରକ୍ସ ମଧ୍ୟ ଏହି ପୁସ୍ତକକୁ ସରଳୀକୃତ କରି ଛୋଟ ପିଲାମାନଙ୍କ ପାଠ୍ୟ ପୁସ୍ତକ ରୂପେ ବ୍ୟବହାର ନିମନ୍ତେ ପ୍ରସ୍ତୁତ କରିଥିଲେ । ଏହା ବ୍ୟତୀତ କର୍ଣ୍ଣେଲ ଅଲକଟ Golden Rules of Buddhism ନାମକ ପୁସ୍ତକ ରଚନା କରିଥିଲେ । ତାଙ୍କ ଦ୍ୱାରା ପ୍ରସ୍ତୁତ Fundamental Buddhistic Beliefs ନାମକ ୧୪ଅଙ୍କ ବିଶିଷ୍ଟ କ୍ଷୁଦ୍ର ପୁସ୍ତକ (Pamphlet) ବ୍ରହ୍ମଦେଶ, ଶ୍ରୀଲଙ୍କା, ଜାପାନ ଆଦି ଦେଶର ବୌଦ୍ଧମାନଙ୍କ ଦ୍ୱାରା ଗୃହୀତ ହୋଇଅଛି ।

ବ୍ରହ୍ମବିଦ୍ୟା ସମିତିର ଅନ୍ୟତମ ବିଶିଷ୍ଟ ସଭ୍ୟ ସାର୍ ଏଡୱାନ୍ ଆରନୋଲ୍ଡଙ୍କ "ଲାଇଟ୍ ଅଫ ଏସିଆ" ୧୮୮୫ ମସିହାରେ ପ୍ରକାଶ ପାଇଥିଲା । ଏହି ପୁସ୍ତକଟିର ଏକ ଅଧ୍ୟାୟ ମ୍ୟାଡାମ୍ ବ୍ଲାଭାଟସ୍କିଙ୍କ ତିରୋଧାନ ଦିବସ (White Lotus Day) ଦିନ ପାଠ କରାଯାଇଥାଏ । ବୁଦ୍ଧଙ୍କର ଶିକ୍ଷା, ଜୀବନୀ ଓ ଦର୍ଶନ ଅତ୍ୟନ୍ତ ସୁନ୍ଦର ଭାବେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି । ଆଉ ଜଣେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ଖ୍ରୀଷ୍ଟମାସ ହମ୍ଫ୍ରିଜ୍ ବୁଦ୍ଧଙ୍କ ଉପରେ ୩୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ପୁସ୍ତକ ଲେଖିଛନ୍ତି ।

ମ୍ୟାଡାମ ବ୍ଲାଭାଟ୍ସ୍କି ବ୍ରହ୍ମବିଦ୍ୟା ସମିତି ପ୍ରତିଷ୍ଠା କରିବା ପୂର୍ବରୁ ବହୁ ବର୍ଷଧରି ତିବ୍ବତର ବୌଦ୍ଧମଠରେ ଅଜ୍ଞାତବାସ କରି ବରିଷ୍ଠ ବୌଦ୍ଧଲାମା ତଥା ସନ୍ନ୍ୟାସୀ ମାନଙ୍କଠାରୁ Occult Training ଗ୍ରହଣ କରିଥିଲେ, ସେଥି ମଧ୍ୟରୁ ଦୁଇଜଣ ମହାତ୍ମାଙ୍କ ନିର୍ଦ୍ଦେଶରେ ୧୮୭୫ ମସିହାରେ ବ୍ରହ୍ମବିଦ୍ୟା ସମିତି ମ୍ୟାଡାମ୍ ବ୍ଲାଭାଟ୍ସ୍କି ଓ କର୍ଣ୍ଣେଲ ଅଲକଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ପରବର୍ତ୍ତୀ ସମୟରେ ସେହି ମହାତ୍ମାଦ୍ୱୟ ବ୍ଲାଭାଟ୍ସ୍କିଙ୍କ

ଅନୁରୋଧ କ୍ରମେ ସମିତିର ଦୁଇଜଣ ସଭ୍ୟ–A. P. Sinnet ଓ A.O. Hume ଙ୍କ ସହ ଗୁଢ଼ବିଦ୍ୟା ସମ୍ବନ୍ଧୀୟ ପତ୍ର ବିନିମୟ କରିଥିଲେ ଯାହାର ମୂଳ ନଥିପତ୍ର ଏବେ ମଧ୍ୟ ବ୍ରିଟିଶ ମିଉଜିୟମ୍‌ରେ ସଂରକ୍ଷିତ ଅଛି। ଏହି ପତ୍ରଗୁଡିକ ବ୍ରହ୍ମବିଦ୍ୟା ସମିତିଦ୍ୱାରା ପରବର୍ତ୍ତୀ କାଳରେ ସଂକଳିତ ହୋଇ "The Mahatma letters to A. P. Sinnet" ନାମକ ପୁସ୍ତକ ଆକାରରେ ପ୍ରକାଶିତ ହୋଇଅଛି। ଉକ୍ତ ପୁସ୍ତକ ଅଧ୍ୟୟନ କଲେ ଜଣାଯାଏ ଯେ ସେମାନେ ଭଗବାନ ବୁଦ୍ଧଙ୍କର ଶିଷ୍ୟ ଅଟନ୍ତି।

ମ୍ୟାଡାମ୍ ବ୍ଲାଭାଟସ୍କି ତିବ୍ବତରେ ଥିବା ଏକ ଗୁପ୍ତ ପାଠାଗାରରୁ ତାଙ୍କର ଅତୀନ୍ଦ୍ରିୟ ଦୃଷ୍ଟି ସାହାଯ୍ୟରେ Stanzas of Dzyan ନାମକ ପୁସ୍ତକ ରଚନା କରିଛନ୍ତି। ପରେ ଏହି ପୁସ୍ତକର ବିସ୍ତୃତ ବିବରଣୀ 'Secret Doctrine' ନାମକ ଗ୍ରନ୍ଥ ରୂପେ ତାଙ୍କ ଦ୍ୱାରା ରଚନା ହୋଇଛି।

କର୍ଣ୍ଣେଲ ଅଲକଟ ଓ ମ୍ୟାଡାମ୍ ବ୍ଲାଭାଟସ୍କିଙ୍କ ପରେ ମଧ୍ୟ ବ୍ରହ୍ମବିଦ୍ୟା ସମିତିର ଅନେକ ପ୍ରମୁଖ ସଭ୍ୟମାନଙ୍କର ବୌଦ୍ଧଧର୍ମ ପ୍ରତି ଅବଦାନ ଅବିସ୍ମରଣୀୟ। ଏ.ପି.ସିନେଟ, ବ୍ରହ୍ମବିଦ୍ୟା ସମିତିର ଉପସଭାପତି ତାଙ୍କ Esoteric Buddhism ପୁସ୍ତକ ମାଧ୍ୟମରେ ବୌଦ୍ଧଧର୍ମ ସମ୍ବନ୍ଧରେ ପ୍ରକୃତ ତଥ୍ୟ ଉପସ୍ଥାପିତ କରି ପାଶ୍ଚାତ୍ୟ ବାସୀଙ୍କ ମନରେ ଆଗ୍ରହ ସୃଷ୍ଟି କରିଥିଲେ। ଏହାପରେ ସି.ଜିନାରାଜାଦାସା ୪ର୍ଥ ଆନ୍ତର୍ଜାତିକ ସଭାପତି ଶ୍ରୀଲଙ୍କାର ଏକ ବୌଦ୍ଧ ପରିବାରରୁ ଆସିଥିଲେ। ସେ ମଧ୍ୟ ଶ୍ରୀଲଙ୍କାରେ ତିନିଥର ଭାଷଣ ଦେଇଥିଲେ। ଏହା ବ୍ୟତୀତ ଆଲୋକଜାଣ୍ଡ୍ରା ଡେଭିଡନିଲ, ବେଙ୍ଗଲ ଥିଓସୋଫିକାଲ ସୋସାଇଟର ସେକ୍ରେଟାରୀ ନୀଲକମଲ ମୁଖାର୍ଜୀ, ଆମେରିକାର ଡଃ ଡବ୍ଲ୍ୟୁ ଓ୍ୱାଇ, ଇଭାନସ୍‌ଓ୍ୱେଞ୍ଜ, ପ୍ରଫେସର ଡି.ଟି. ସୁଜୁକି ଓ ତାଙ୍କ ପତ୍ନୀ ବେଟ୍ରିସଲେନ୍ ସୁଜୁକି ବୌଦ୍ଧଧର୍ମ ପ୍ରସାରରେ ବହୁତ ସାହାଯ୍ୟ କରିଥିଲେ।

ଆଡ୍ୟାର ଠାରେ ଅବସ୍ଥିତ ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ୧୯୨୫ ମସିହାରେ ବ୍ରହ୍ମବିଦ୍ୟା ସମିତିର ସୁବର୍ଣ୍ଣଜୟନ୍ତୀ ଅବସରରେ ବୁଦ୍ଧ ମନ୍ଦିର ତିଆରି ହୋଇଥିଲା। ଏହା ମୁଖ୍ୟ କାର୍ଯ୍ୟାଳୟ ହଲ ନିକଟରେ ଅବସ୍ଥିତ। ଏଠାରେ ପ୍ରତ୍ୟେକ ଦିନ ପୂଜାପାଠ କରାଯାଇଥାଏ। ଏହା ବ୍ୟତୀତ ବୁଦ୍ଧ ପୂର୍ଣ୍ଣିମା ଓ ଆଷାଢ଼ ପୂର୍ଣ୍ଣିମା ଦିନ

ବୌଦ୍ଧଧର୍ମଶାସ୍ତ୍ର ପଠନ କରାଯାଇଥାଏ । ଏହିବର୍ଷ ବୋଧଗୟାରୁ ଅଶ୍ୱତ୍‌ଥ ଗଛର ଚାରା ଆଣି ରୋପଣ କରାଯାଇଥିଲା ।

୧୯୫୭ ମସିହାରେ ଧର୍ମଗୁରୁ ଦଲାଇଲାମା ପ୍ରଥମଥର ଲାଗି ଆଡ୍ୟାରସ୍ଥିତ ଆନ୍ତର୍ଜାତିକ ମୂଖ୍ୟ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ଅତ୍ୟନ୍ତ ମୂଲ୍ୟବାନ ତାଳପତ୍ର ପୋଥି ଆଡ୍ୟାର ଲାଇବ୍ରେରୀକୁ ଉପହାର ଦେଇଥିଲେ । ଏହାପରେ ଦଲାଇଲାମା ବହୁବାର ଆଡ୍ୟାର ଅସିଥିଲେ ଏବଂ ୧୯୯୦ ମସିହାରେ Indian Sectionର ଶତବାର୍ଷିକ ଅବସରରେ ୧୧୧ତମ ଆନ୍ତର୍ଜାତିକ ସମ୍ମିଳନୀ ରେ ବେସାନ୍ତ ଲେକଚର ଦେଇଥିଲେ । ପ୍ରଫେସର ସାମତଙ୍ଗ ରିନପୋଚେ, ତିବ୍ବତର ପ୍ରଧାନମନ୍ତ୍ରୀ ତଥା ବ୍ରହ୍ମବିଦ୍ୟା ସମିତିର ଆଜୀବନ ସଦସ୍ୟ ବହୁବାର ଆନ୍ତର୍ଜାତିକ ସମ୍ମିଳନୀରେ ଭାଷଣ ଦେଇଛନ୍ତି । ତାଙ୍କ ଦ୍ୱାରା ଦିଆଯାଇଥିବା କ୍ରମାଗତ ଭାଷଣ "Buddhist Meditation" ପୁସ୍ତକରୂପେ ସମିତି ତରଫରୁ ପ୍ରକାଶ ପାଇଛି । ଏହା ବ୍ୟତୀତ ପ୍ରସିଦ୍ଧ ଜେନ ମାଷ୍ଟର ଥିଚ୍ ନାହ ହାନ ଯେ କି ଜଣେ ଭିଏତନାମି ଧର୍ମଗୁରୁ ଆଡ୍ୟାର ଠାରେ Buddhist Retreat ୧୯୯୭ ମସିହା ମାର୍ଚ୍ଚ ତିନି ତାରିଖରୁ ନଅ ତାରିଖ ପର୍ଯ୍ୟନ୍ତ ପରିଚାଳନା କରିଥିଲେ ।

୬ ଜୁଲାଇ ୨୦୦୧ ମସିହା ଆଷାଢ଼ ପୂର୍ଣ୍ଣିମା ଦିନ ବୁଦ୍ଧ ମନ୍ଦିରରେ ଧର୍ମଗୁରୁ ଜଲାଇଲାମାଙ୍କ ଜନ୍ମଦିନ ସହ ବୁଦ୍ଧ ମନ୍ଦିରର ୭୫ତମ ବାର୍ଷିକୋତ୍ସବ ପାଳନ କରାଯାଇଥିଲା । ଏହିଦିନ ଆନ୍ତର୍ଜାତିକ ସଭାପତି ଶ୍ରୀମତୀ ରାଧା ବର୍ଣ୍ଣିୟର ବୁଦ୍ଧ ଦେଇଥିବା ପ୍ରଥମ ଉପଦେଶ ସମ୍ବନ୍ଧରେ ଭାଷଣ ଦେଇଥିଲେ । ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ତୀବ୍ବତୀୟ ଛାତ୍ର ଏହି ସମାରୋହରେ ଯୋଗଦେଇ ବୌଦ୍ଧ ଧର୍ମର ଶ୍ଳୋକପାଠ କରିଥିଲେ । ଶେଷରେ ୭୫ବର୍ଷତଳେ ବୋଧଗୟାରୁ ଆସିଥିବା ଅଶ୍ୱତ୍ଥ ଗଛ ମୂଳରେ ଜଳ ଅର୍ପଣ କରାଯାଇଥିଲା ।

ବ୍ରହ୍ମବିଦ୍ୟା ସମିତି ବିଶ୍ୱାସ କରେ ଯେ ବୁଦ୍ଧ ହେଉଛନ୍ତି ପ୍ରଥମ ଓ ଏକମାତ୍ର ବ୍ୟକ୍ତି ଯେ କି ମାନବ ଜାତିର କ୍ରମବିକାଶରେ ଅଗ୍ରଗତି କରି ନିର୍ବାଣ ଲାଭ କରିଛନ୍ତି । ଏହା ମଧ୍ୟ ବିଶ୍ୱାସ କରେ ଯେ ବୁଦ୍ଧ ଯଦିଓ ନିର୍ବାଣ ଲାଭ କରିଛନ୍ତି ସେ ତାହା ଗ୍ରହଣ କରିନାହାନ୍ତି କାରଣ ସେ ସିଦ୍ଧାନ୍ତ ନେଇଛନ୍ତି ଯେ ଯେଉଁ ପର୍ଯ୍ୟନ୍ତ ସମଗ୍ର ମାନବ ଜାତି ନିର୍ବାଣ ଲାଭ

କରି ନାହାନ୍ତି ସେ ପର୍ଯ୍ୟନ୍ତ ସେ ମଧ୍ୟ ନିର୍ବାଣ ଗ୍ରହଣ କରିବେ ନାହିଁ। ଲେଡ୍‌ବିଟର ତାଙ୍କ ପୁସ୍ତକ 'ଗୁରୁ ଓ ପନ୍ଥା (The Masters & the Path)ରେ ପ୍ରତ୍ୟେକ ବୈଶାଖ ପୂର୍ଣ୍ଣିମା ଦିନ ବୁଦ୍ଧ ତାଙ୍କ ସୂକ୍ଷ୍ମ ଶରୀରରେ ତିବ୍ଦତର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅବତରଣ କରି କିପରି ପୃଥିବୀବାସୀଙ୍କ ଉପରେ ତାଙ୍କ ଆଶୀର୍ବାଦ ଢାଳି ଦିଅନ୍ତି (ପୃଷ୍ଠା ୨୯୫-୩୦୬) ତାହା ବର୍ଣ୍ଣନା କରିଛନ୍ତି।

ବୌଦ୍ଧ ଦର୍ଶନ ଓ ବ୍ରହ୍ମବିଦ୍ୟା ସମିତିର ସାହିତ୍ୟ ମଧ୍ୟରେ ବହୁ ସାମଞ୍ଜସ୍ୟ ଦେଖିବାକୁ ମିଳେ। ଉଭୟ ବୌଦ୍ଧ ଦର୍ଶନ ଓ ବ୍ରହ୍ମବିଦ୍ୟା ସମିତି କର୍ମବାଦ, ନିର୍ବାଣ, ପୁନର୍ଜନ୍ମ ତଥା ଉଚ୍ଚ ନୈତିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖନ୍ତି। ପ୍ରେମ, କରୁଣା, ନିଃସ୍ୱାର୍ଥପରତା ଇତ୍ୟାଦି ଗୁଣ ଉପରେ ଉଭୟ ଦର୍ଶନ ପର୍ଯ୍ୟବସିତ। ସ୍ୱୀୟ ଚେଷ୍ଟାବଳରେ ଜଣେ ନିର୍ବାଣ ଲାଭ କରିପାରିବ ଓ ସତ୍ୟକୁ ଉପଲବ୍ଧି କରିପାରିବେ। କୌଣସି ଦେବଦେବୀଙ୍କ କୃପାରୁ ନୁହେଁ- ଏହି ସିଦ୍ଧାନ୍ତ ଉପରେ ଉଭୟେ ଗଭୀର ଆସ୍ଥା ରଖିଛନ୍ତି ।

❖❖❖

ଲେଖିକା ଉତ୍କଳ ବ୍ରହ୍ମବିଦ୍ୟା ସଂଘ, ଭୁବନେଶ୍ୱରର ଯୁଗ୍ମସଂପାଦିକା

# ମଣିଷର ଅଭ୍ୟାସଗତ କର୍ମ ଓ ତାର ପ୍ରଭାବ

ଅମୀୟ କୁମାର ରଥ

ଆଧ୍ୟାତ୍ମିକ ସାଧନା ମାନବ ଜୀବନର ଲକ୍ଷ୍ୟ। ଏହା ଏକ ଆଜୀବନ ପ୍ରକ୍ରିୟା । ପବିତ୍ରତା ଓ ଶୁଦ୍ଧତା ଏହି ପ୍ରକ୍ରିୟାର ଅଙ୍ଗ ହିସାବରେ ବିବେଚନା କରାଯାଏ। ଶରୀର ଓ ମନର ପବିତ୍ରତା ତଥା ଖାଦ୍ୟର ଶୁଦ୍ଧତା ଆଧ୍ୟାତ୍ମିକ ସାଧନାର ମୂଳଭିତ୍ତି।

ବିଂଶ ଶତାବ୍ଦୀରେ କେତେଜଣ ନିଜର ଅସାଧାରଣ ଦିବ୍ୟଦୃଷ୍ଟି ମାଧ୍ୟମରେ ଭଗବାନ ଓ ତାଙ୍କ ସୃଷ୍ଟି ସଂପର୍କରେ ସୁଶୃଙ୍ଖଳ ଗବେଷଣା କରି ଲାଗିଲେ। ସେହି ଗବେଷଣାରୁ ସେମାନେ ମାନବ ସମାଜକୁ ଦେଇ ଯାଇଛନ୍ତି କେତେକ ଜ୍ଞାନ ଯାହାକୁ ବ୍ରହ୍ମବିଦ୍ୟା ବା ବ୍ରହ୍ମବିଜ୍ଞାନ କୁହାଯାଏ ଏବଂ ସେମାନଙ୍କୁ ବ୍ରହ୍ମବିତ୍ ଆଖ୍ୟା ଦିଆଗଲା। ବ୍ରହ୍ମବିଦ୍ୟା ସମିତି ମାଧ୍ୟମରେ ଭୌତିକ ସ୍ଥୂଳ ବସ୍ତୁ ଏବଂ ଅଦୃଶ୍ୟ ପ୍ରଭାବ ଗୁଡ଼ିକ ବିଷୟରେ ପୃଥିବୀକୁ ଏକ ନୂତନ ଆଲୋକ ସେମାନେ ପ୍ରଦାନ କଲେ।

ଏହି ଦିବ୍ୟଦୃଷ୍ଟି ସମ୍ପନ୍ନବ୍ୟକ୍ତିଗଣ ପବିତ୍ରତା ଓ ଶୁଦ୍ଧତାର ଅଦୃଶ୍ୟ ଦିଗଗୁଡ଼ିକର ସୂକ୍ଷ୍ମ ତତ୍ତ୍ୱଗୁଡ଼ିକୁ ଆଧ୍ୟାତ୍ମିକ ସାଧନାର ଉତ୍କର୍ଷତା ନିମନ୍ତେ ମାନବ ସମାଜର ଦୃଷ୍ଟି ଗୋଚରକୁ ଆଣିଲେ। ସେମାନଙ୍କ ମତରେ ମାନବ ଶରୀର କହିଲେ କେବଳ ସ୍ଥୂଳ ଶରୀରଟିକୁ ବୁଝାଏ ନାହିଁ, ଏହା ସହିତ ଥିବା ଅନ୍ୟ ଛଗୋଟି ଅଦୃଶ୍ୟ ସୂକ୍ଷ୍ମ ଶରୀର ଏହାର ଅନ୍ତର୍ଗତ। ଏହି ସୂକ୍ଷ୍ମ ଶରୀର ଗୁଡ଼ିକ ସ୍ଥୂଳ ଶରୀର ଏବଂ ମନ ସହିତ ଏପରି ଜଡ଼ିତ ଯେ ଏଥି ମଧ୍ୟରୁ ଗୋଟିଏ ତାର ଶୁଦ୍ଧତା ଓ ପବିତ୍ରତା ହରାଇ ବସିଲେ ତାର ପ୍ରଭାବ ଅନ୍ୟ ସମସ୍ତ ଶରୀର ତଥା ମନ ଉପରେ ପଡ଼ିଥାଏ। ଶାରୀରିକ ପବିତ୍ରତା ଅର୍ଥ ସ୍ଥୂଳ ଶରୀର ସହ ଏହି ସୂକ୍ଷ୍ମ ଶରୀର ଗୁଡ଼ିକର ମଧ୍ୟ ପବିତ୍ରତା । ଏହି ସୂକ୍ଷ୍ମ ଶରୀରଗୁଡ଼ିକ ମଧ୍ୟରୁ ଛାୟା ଶରୀର, କାମନା ଶରୀର ଓ ମାନସ ଶରୀରଗୁଡ଼ିକର ଆଧ୍ୟାତ୍ମିକ ସାଧନା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି।

ବ୍ରହ୍ମବିଦ୍ୟାରେ ପବିତ୍ରତାର ଅର୍ଥ ଅତି ବ୍ୟାପକ। ପବିତ୍ରତା କେବଳ ବାହ୍ୟିକ ଶୁଦ୍ଧତାରେ ଆସି ନଥାଏ। ଏହାର କେତେଗୁଡ଼ିଏ ଲୁକ୍କାୟିତ

ଦିଗ ରହିଅଛି। ମଣିଷର ଶରୀର, ମନ ଏବଂ ତାକୁ ଘେରି ରହିଥିବା ଭୌତିକ ସ୍ଥୁଳ ବସ୍ତୁଗୁଡ଼ିକ ଉପରେ କେତେଗୁଡ଼ିଏ ଅଦୃଶ୍ୟ ପ୍ରଭାବ ରହିଥାଏ। ଏହି ଅଦୃଶ୍ୟ ପ୍ରଭାବ ମଧ୍ୟରୁ କେତେକ ମଣିଷର ଶରୀର, ମନ ଏବଂ ସ୍ଥୁଳ ବସ୍ତୁ ଗୁଡ଼ିକର ପବିତ୍ରତା ଓ ଶୁଦ୍ଧତାକୁ ପ୍ରଭାବିତ କରିଥାନ୍ତି। ଏହି ଅଦୃଶ୍ୟ ପ୍ରଭାବ ଗୁଡ଼ିକର ଉତ୍ପତ୍ତି ମଣିଷର ଶରୀର, ତାର କେତେକ ଅଭ୍ୟାସଗତ ଗୁଣ ଏବଂ ତାର ପରିବେଶଠାରୁ ଉଦ୍ଭବ ହୋଇଥାଏ।

ଉଦାହରଣ ସ୍ୱରୂପ ଆମ ଶରୀରରୁ ନିର୍ଗତ ଦୁର୍ଗନ୍ଧ, ସ୍ୱେଦ ଓ ମଇଳା ଆଦି ଆମ ସ୍ଥୁଳ ଶରୀରର ଯେତିକି କ୍ଷତି କରି ନଥାଏ ତାହାଠାରୁ ଅଧିକ ମାତ୍ରାରେ ସୂକ୍ଷ୍ମ ଶରୀରଗୁଡ଼ିକର ଶୁଦ୍ଧତା ଓ ପବିତ୍ରତା ପ୍ରତି ଅଦୃଶ୍ୟ ପ୍ରଭାବ କ୍ଷତି ପହଞ୍ଚାଇ ଥାଏ। ସେହିପରି ଆମ ଶରୀରରୁ ନିର୍ଗତ ଦୂଷିତ ପ୍ରାଣ ଶକ୍ତିର ଚୁମ୍ବକୀୟ ପ୍ରଭାବ ଦ୍ୱାରା ଖାଦ୍ୟ ବସ୍ତୁଗୁଡ଼ିକର ଶୁଦ୍ଧତା ଓ ପବିତ୍ରତା ନଷ୍ଟ ହୋଇଯାଇଥାଏ।

ସେହିପରି ମଣିଷର ଅଭ୍ୟାସଗତ କର୍ମ ଦ୍ୱାରା ଉଦ୍ଭବ ଅଦୃଶ୍ୟ ପ୍ରଭାବଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ଆମ୍ଭମାନଙ୍କର ହିତସାଧନ କରୁଥିବାବେଳେ ଅନ୍ୟ କେତେଗୁଡ଼ିଏ ଆମ ପାଇଁ ବିପଦର କାରଣ ହୋଇଥାନ୍ତି। ଉଦାହରଣ ସ୍ୱରୂପ 'ଶାରିରୀକ ବ୍ୟାୟାମ' ଅଭ୍ୟାସ ଦ୍ୱାରା ଆମ ସ୍ଥୁଳ ଶରୀରଟି ଯେପରି ସୁସ୍ଥ ରହିଥାଏ, ସେହିପରି ଏହାର ପ୍ରଭାବ ଆମ ସୂକ୍ଷ୍ମ ଶରୀରଗୁଡ଼ିକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ସମ୍ବାଦ ପତ୍ର ପାଠ କରିବା କେତେକ ଲୋକମାନଙ୍କର ଏକ ଦୈନନ୍ଦିନ ଅଭ୍ୟାସ। କିନ୍ତୁ ଏଥିରେ ପ୍ରକାଶ ପାଉଥିବା ହତ୍ୟାକାଣ୍ଡ, ଛାଡ଼ପତ୍ର ଭଳି ଘଟଣାମାନ ଆମର ମନୋଜଗତରେ ଯେଉଁ ଆଲୋଡ଼ନ ଆଣିଥାଏ ତାର ସାମୂହିକ କୁପ୍ରଭାବ ଗୋଟିଏ ଦେଶର କି ପ୍ରକାର କ୍ଷତି ସାଧନ ଘଟାଇଥାଏ ତାହା କେବଳ ଦିବ୍ୟ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ହିଁ ଦେଖିପାରିଥାନ୍ତି।

ବ୍ରହ୍ମବିଦ୍ୟା ମତରେ ଆଧ୍ୟାତ୍ମିକ ସାଧନାରେ ଉତ୍କର୍ଷତା କେବଳ ଶୁଦ୍ଧତା ଓ ପବିତ୍ରତା ଦ୍ୱାରା ଲାଭ ହୋଇପାରିନଥାଏ, ଏଥିପାଇଁ ଦୈନନ୍ଦିନ ଜୀବନରେ କରୁଥିବା କର୍ମ ଗୁଡ଼ିକରେ ଶୃଙ୍ଖଳା ଓ ନିଷ୍ଠା ମଧ୍ୟ ଆବଶ୍ୟକ।

ଏଥି ସହିତ ଦରକାର ପ୍ରତିଟି କର୍ମକୁ ନିର୍ଭୁଲ୍ ରୂପେ ସମ୍ପାଦନର ଶିକ୍ଷା ଲାଭ କରିବା। ଦିବ୍ୟଦ୍ରଷ୍ଟାମାନଙ୍କ ମତରେ ମଣିଷ ତାର ଦୈନନ୍ଦିନ ଜୀବନରେ କରୁଥିବା ପ୍ରତ୍ୟେକ କର୍ମର ଏକ ଅଦୃଶ୍ୟ ଦିଗ ରହିଥାଏ। ଏହି ଅଦୃଶ୍ୟ ଦିଗଗୁଡ଼ିକ ବିଷୟରେ ଜ୍ଞାନ ହାସଲ କରିପାରିଲେ ଆମ୍ଭେମାନେ ପ୍ରତିଟି କର୍ମକୁ ସଠିକ୍ ରୂପେ ସମ୍ପାଦନ କରିବାରେ ଦକ୍ଷତା ହାସଲ କରିପାରିବା। ଉଦାହରଣ ସ୍ୱରୂପ କୌଣସି ଛାତ୍ରର ପାଠ୍ୟ ବିଷୟଗୁଡ଼ିକ ସ୍ମରଣ ନ ରହିବା ତଥା ବୋଧଗମ୍ୟ ନ ହେବାର ଯେଉଁ ଅଦୃଶ୍ୟ କାରଣଗୁଡ଼ିକ ରହିଅଛି ତାହାକୁ ଯଦି ଛାତ୍ରଟି ବୁଝିପାରିବ ତେବେ ସେ ନିଶ୍ଚୟ ତାହାର ଅଧ୍ୟୟନରେ ଉନ୍ନତି ଆଣିପାରିବ।

ଆମର ଅଭ୍ୟାସଗତ ଦୈନନ୍ଦିନ କର୍ମଗୁଡ଼ିକ ଯଥା ଖାଦ୍ୟ ଗ୍ରହଣ, ନିଶା ଦ୍ରବ୍ୟ ସେବନ, ଧୁମ୍ରପାନ, ମାଂସଆହାର କରିବା, ଶାରୀରିକ ପରିଚ୍ଛନ୍ନତା ରକ୍ଷା କରିବା, ଅଧ୍ୟୟନ, ବ୍ୟାୟାମ କରିବା, ଧ୍ୟାନ କରିବା ଆଦି କର୍ମଗୁଡ଼ିକର ଅଦୃଶ୍ୟ ପ୍ରଭାବଗୁଡ଼ିକ ଦ୍ୱାରା ଆମେ ନିଜେ ନିଜକୁ କିପରି ପ୍ରଭାବିତ କରିଥାଉ ବିଶେଷତଃ ଆଧ୍ୟାତ୍ମିକ ସାଧନା ଏହା ଦ୍ୱାରା କିପରି ପ୍ରଭାବିତ ହୋଇଥାଏ ତାହାର ବିଷଦ ବିବରଣୀ ସି.ଡବ୍ଲ୍ୟୁ ଲେଡ୍‌ବିଟରଙ୍କ 'The Hidden Side of Things' ପୁସ୍ତକରେ ରହିଅଛି। ସେଗୁଡ଼ିକର ଏକ ସଂକ୍ଷିପ୍ତ ରୂପରେଖ ନିମ୍ନରେ ବର୍ଣ୍ଣନା କରାଗଲା।

**ଖାଦ୍ୟ ପଦାର୍ଥ (Food) :-**

ମନ ଖାଦ୍ୟର ସୂକ୍ଷ୍ମାଂଶ ଦ୍ୱାରା ଗଠିତ ହୁଏ। ଖାଦ୍ୟ ଯଦି ବିଶୁଦ୍ଧ ହୋଇଥାଏ, ମନର କାର୍ଯ୍ୟ ମଧ୍ୟ ବିଶୁଦ୍ଧ ହୁଏ। ଏହା ହିଁ ପ୍ରାଚୀନ ଭାରତୀୟ ମୁନିଋଷି ତଥା ଆଧୁନିକ ମନସ୍ତତ୍ତ୍ୱବିତ୍‌ମାନଙ୍କର ମତ।

ଖାଦ୍ୟ ପଦାର୍ଥଗୁଡ଼ିକ ଯେପରି ଦୂଷିତ ଓ ଅପବିତ୍ର ହୋଇଥାନ୍ତି ତାହା ଦୁଇ ପ୍ରକାରରେ ବିଭକ୍ତ। ପ୍ରଥମଟି ହେଲା ଦୃଶ୍ୟମାନ ସ୍ଥୂଳବସ୍ତୁ ଦ୍ୱାରା ଓ ଅନ୍ୟଟି ହେଲା ଅଦୃଶ୍ୟ ଚୁମ୍ବକୀୟ ପ୍ରଭାବ ଦ୍ୱାରା। ପୁନଶ୍ଚ ଏହି ଚୁମ୍ବକୀୟ ପ୍ରଭାବ ଦୁଇ ପ୍ରକାରର। ଗୋଟିଏ ହେଲା ଆଭ୍ୟନ୍ତରୀଣ (Internal) ଚୁମ୍ବକୀୟ ପ୍ରଭାବ ଏବଂ ଅନ୍ୟଟି ହେଲା ବାହ୍ୟିକ (External) ଚୁମ୍ବକୀୟ ପ୍ରଭାବ।

ଗୁପ୍ତ ବିଜ୍ଞାନ ଅନୁସାରେ ଯେଉଁମାନେ ମାଂସ ଭକ୍ଷଣ କରିଥାନ୍ତି ସେମାନେ ପଶୁ ଗୁଣ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ସେମାନଙ୍କ ମନୋଭାବ ଓ ସ୍ୱଭାବ ପଶୁ ପ୍ରକୃତି ଦ୍ୱାରା ପ୍ରଭାବିତ ହୋଇଥାଏ। ଏହାର କାରଣ ଦୁଇଟି। ପ୍ରଥମଟି ହେଲା ପଶୁଟିର ପଶୁତ୍ୱ ସ୍ୱଭାବର ଚୁମ୍ବକୀୟ ପ୍ରଭାବ ତାକୁ ହତ୍ୟା କରି ସାରିବା ପରେ ମଧ୍ୟ ତାର ମାଂସ ସାଥିରେ ଜଡ଼ିତ ହୋଇ ରହିଥାଏ। ଦ୍ୱିତୀୟରେ ପଶୁଟିକୁ ହତ୍ୟା କରିବା ସମୟରେ ତାଠାରେ ଯେଉଁ କ୍ରୋଧ, ପ୍ରତିହିଂସା, ଭୟ, ଆକ୍ରୋଶ ଆଦି ସ୍ୱଭାବ ପ୍ରକାଶ ପାଇଥାଏ ତାର ଚୁମ୍ବକୀୟ ପ୍ରଭାବ ତାର ମାଂସ ସହିତ ଜଡ଼ିତ ହୋଇ ରହିଯାଏ। ଏହି ପ୍ରକାର ଚୁମ୍ବକୀୟ ପ୍ରଭାବକୁ ଆଭ୍ୟନ୍ତରୀଣ ଚୁମ୍ବକୀୟ ପ୍ରଭାବ କୁହାଯାଏ।

ମଣିଷର ପ୍ରାଣଶକ୍ତି ତାର ହାତ ଆଙ୍ଗୁଳି ଗୁଡ଼ିକ ଦ୍ୱାରା ନିର୍ଗତ ହୋଇଥାଏ। ଏହି ପ୍ରାଣଶକ୍ତିର ଚୁମ୍ବକୀୟ ପ୍ରଭାବ ଅତି ଶକ୍ତିଶାଳୀ ହୋଇଥାଏ। ଏହି ପ୍ରାଣଶକ୍ତି ମଣିଷର ସ୍ୱଭାବ, ପ୍ରକୃତି ତଥା ଚିନ୍ତାଧାରାର ସୂକ୍ଷ୍ମ ପ୍ରଭାବଗୁଡ଼ିକ ବହନ କରିଥାଏ। ଖାଦ୍ୟ ପଦାର୍ଥଗୁଡ଼ିକ ତାର ପ୍ରସ୍ତୁତିଠାରୁ ଆରମ୍ଭ କରି ପରିବେଷଣ ଯାଏଁ ରୋଷେୟା ବାରମ୍ବାର ସ୍ପର୍ଶ କରିବା ଦ୍ୱାରା ତା'ର ହାତରୁ ନିର୍ଗତ ପ୍ରାଣ ଶକ୍ତିର ଚୁମ୍ବକୀୟ ପ୍ରଭାବ ଖାଦ୍ୟ ପଦାର୍ଥ ଦ୍ୱାରା ଅବଶୋଷିତ (Absorb) ହୋଇ ତାକୁ ଦୂଷିତ କରିଦେଇଥାଏ। ଏହି ପ୍ରକାର ଚୁମ୍ବକୀୟ ପ୍ରଭାବକୁ ବାହ୍ୟିକ ଚୁମ୍ବକୀୟ ପ୍ରଭାବ କୁହାଯାଏ।

ତେଣୁ ଖାଦ୍ୟ ପ୍ରସ୍ତୁତିଠାରୁ ପରିବେଷଣ ଯାଏଁ ରୋଷେୟା ଯେତେ ସମ୍ଭବ କମ୍ ମାତ୍ରାରେ ଖାଦ୍ୟ ପଦାର୍ଥଗୁଡ଼ିକୁ ସ୍ପର୍ଶ କରିବା ସହ ପରିଷ୍କାର ଡଙ୍କି, ଚାମୁଚ ଆଦିର ବ୍ୟବହାର କରିବା ଉଚିତ୍। ଏପରିକି ପ୍ରତ୍ୟେକ ଲୋକର ଭୋଜନ କରିବାର ପାତ୍ରଗୁଡ଼ିକ ଅଲଗା ଅଲଗା ହେବା ଉଚିତ। ଖାଦ୍ୟ ପାତ୍ରଗୁଡ଼ିକ ବହୁ ଲୋକଙ୍କ ଦ୍ୱାରା ବ୍ୟବହୃତ ହେବା ଦ୍ୱାରା ଭିନ୍ନ ଭିନ୍ନ ଲୋକମାନଙ୍କର ସ୍ୱଭାବ ଏବଂ ପ୍ରବୃତ୍ତିର ଏକ ମିଶ୍ରିତ ଚୁମ୍ବକୀୟ ପ୍ରଭାବ ସେହି ଖାଦ୍ୟ ପାତ୍ରଗୁଡ଼ିକୁ ଦୂଷିତ କରିଦେଇଥାଏ।

ଖାଦ୍ୟ ପଦାର୍ଥଗୁଡ଼ିକ ଦୂଷିତ ହେବାର ଅନ୍ୟ ଗୋଟିଏ କାରଣ ମଧ୍ୟ ରହିଅଛି । ଆମେ ଭୋଜନ କରିବା ସମୟରେ ଅତି ନିକଟରେ

ଥିବା ଲୋକମାନଙ୍କ ଠାରୁ ନିର୍ଗତ ପ୍ରାଣ ଶକ୍ତିର ଚୁମ୍ବକୀୟ ପ୍ରଭାବ ସେହି ଖାଦ୍ୟ ବସ୍ତୁ ଦ୍ୱାରା ଅବଶୋଷିତ (Absorb) ହୋଇଯାଇଥାଏ। ସେଇ କାରଣରୁ ହୋଟେଲ ଓ ଜନଗହଳି ସ୍ଥାନମାନଙ୍କରେ ଭୋଜନ କରିବା ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଆଦୌ ସମୀଚୀନ ନୁହେଁ।

ସାଧାରଣତଃ ଗୋଟିଏ ପରିବାର ଭିତରେ ପରସ୍ପର ପ୍ରତି ଥିବା ସହାନୁଭୂତି ଏବଂ ସମଭାବସମ୍ପନ୍ନ ମାନସିକତା ଯୋଗୁଁ ପରିବାରରେ ଏକାଠି ମିଶିକରି ଖାଇଲେ ମଧ୍ୟ ତାର ଚୁମ୍ବକୀୟ ପ୍ରଭାବ ଦ୍ୱାରା ଖାଦ୍ୟ ପଦାର୍ଥଗୁଡ଼ିକ ଏତେ ମାତ୍ରାରେ ଦୂଷିତ ହୋଇନଥାଏ। କିନ୍ତୁ ଜନଗହଳି ସ୍ଥାନମାନଙ୍କରେ ଅନେକ ସ୍ୱଭାବ ଓ ଚରିତ୍ରର ଲୋକମାନଙ୍କ ଶରୀରରୁ ନିର୍ଗତ ପ୍ରାଣଶକ୍ତିର ମିଶ୍ରିତ ଚୁମ୍ବକୀୟ ପ୍ରଭାବ ଖାଦ୍ୟ ପଦାର୍ଥଗୁଡ଼ିକୁ ଦୂଷିତ କରିଦେଇଥାଏ।

ଦିବ୍ୟଦ୍ରଷ୍ଟାମାନଙ୍କ ମତରେ ବାହ୍ୟିକ ଚୁମ୍ବକୀୟ ଶକ୍ତି ଦ୍ୱାରା ଦୂଷିତ ହେଉଥିବା ଖାଦ୍ୟ ପଦାର୍ଥ ନିଆଁର ଉତ୍ତାପ ଦ୍ୱାରା କେତେକାଂଶରେ ନଷ୍ଟ ହୋଇଯାଇଥାଏ କିନ୍ତୁ ଆଭ୍ୟନ୍ତରୀଣ ଚୁମ୍ବକୀୟ ପ୍ରଭାବ ଦ୍ୱାରା ଦୂଷିତ ହେଉଥିବା ଖାଦ୍ୟପଦାର୍ଥ ଯଥା ପଶୁ ମାଂସ ଆଦି ନିଆଁ ଦ୍ୱାରା ମଧ୍ୟ ସଂପୂର୍ଣ୍ଣ ନଷ୍ଟ ହୋଇନଥାଏ। ତେଣୁ ମାଂସ ଆଦି ଖାଦ୍ୟ ଆଧ୍ୟାତ୍ମିକ ସାଧକମାନଙ୍କ ପାଇଁ ସଦା ବର୍ଜନୀୟ ହୋଇ ଆସିଅଛି।

**ପରିଷ୍କାର-ପରିଚ୍ଛନ୍ନତା (Cleanness) :-**

ଆବର୍ଜନା ବା ମଇଳା ସ୍ଥୂଳ ଜଗତ ତୁଳନାରେ ସୂକ୍ଷ୍ମ ଜଗତରେ ଅତିଶୟ କୁତ୍ସିତ ହୋଇଥାଏ। ଆମ ଶରୀରର ବର୍ଜ୍ୟବସ୍ତୁମାନ ବିଷାକ୍ତ ଓ ଅନିଷ୍ଟକାରୀ ହୋଇଥିବାରୁ ଏହା ଆମ ସ୍ଥୂଳ ଶରୀର ଦ୍ୱାରା ଅଗ୍ରହଣୀୟ ଓ ବର୍ଜିତ ହୋଇଥାଏ। ଅନୁରୂପ ଭାବେ ଏହି ବର୍ଜ୍ୟବସ୍ତୁମାନଙ୍କ ବିଷାକ୍ତ ଚୁମ୍ବକୀୟ ପ୍ରଭାବ ଦ୍ୱାରା ସୂକ୍ଷ୍ମ ଶରୀର ଗୁଡ଼ିକର ଶୁଦ୍ଧତା ଓ ପବିତ୍ରତା ପ୍ରତି ବିପଦର କାରଣ ହୋଇଥାଏ।

ସ୍ଥୂଳ ଶରୀରର ପରିଚ୍ଛନ୍ନତା ବିନା ମନରେ ଓ ଚିନ୍ତାରେ ଶୁଦ୍ଧତା ଆସିନଥାଏ। ସୂକ୍ଷ୍ମ ଶରୀରଗୁଡ଼ିକ ଯଥା କାମନା ଓ ମାନସ ଶରୀରର ଶୁଦ୍ଧତା ଓ ପବିତ୍ରତା ସ୍ଥୂଳ ଶରୀରର ଶୁଦ୍ଧତା ଓ ପବିତ୍ରତା ଉପରେ ନିର୍ଭର

କରିଥାଏ। ସ୍ଥୂଳ ଶରୀରର ଆବର୍ଜନା ରୂପେ ଶାରୀରିକ ଦୁର୍ଗନ୍ଧ ଓ ସ୍ୱେଦ ଆଦି ଶରୀରର ଲୋମକୂପ ଦେଇ ନିର୍ଗତ ହୋଇଥାନ୍ତି। ଏହି ଲୋମକୂପ ଗୁଡ଼ିକ ମଇଳା ଆଦି ଦ୍ୱାରା ବନ୍ଦ ହୋଇଯିବା ଦ୍ୱାରା ଶରୀରର ଆବର୍ଜନାଗୁଡ଼ିକ ଠିକ୍ ରୂପେ ନିଷ୍କାସିତ ହୋଇପାରିନଥାଏ। ଆମ ଶରୀରରୁ ପ୍ରାଣ ଶକ୍ତି ଏହି ଲୋମକୂପ ଦେଇ ନିର୍ଗତ ହୋଇଥାଏ। ଶାରୀରିକ ଆବର୍ଜନା ଗୁଡ଼ିକ ଠିକ୍ ରୂପେ ନିଷ୍କାସିତ ନ ହୋଇ ଜମା ହୋଇ ରହିବା ଦ୍ୱାରା ଆମ ଶରୀରରୁ ନିର୍ଗତ ହେଉଥିବା ପ୍ରାଣଶକ୍ତି ତା ସଂସ୍ପର୍ଶରେ ଆସି ଦୂଷିତ ହୋଇଯାଇଥାଏ। ଏହି ଦୂଷିତ ପ୍ରାଣଶକ୍ତିର ଚୁମ୍ବକୀୟ ପ୍ରଭାବ ଆମର ସୂକ୍ଷ୍ମ ଶରୀରଗୁଡ଼ିକର ସୁସ୍ଥତା ଓ ଶୁଦ୍ଧତା ପ୍ରତି ବିପଦର କାରଣ ହୋଇଥାଏ। ଆମ ଶରୀରରୁ ନିର୍ଗତ ଦୂଷିତ ପ୍ରାଣ ଶକ୍ତିର ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କର ଶରୀର ପ୍ରତି ମଧ୍ୟ ଏହା ବିପଦର କାରଣ ହୋଇଥାଏ।

ଆମ ସ୍ଥୂଳ ଶରୀରଟି ଯେପରି ଦୃଶ୍ୟମାନ ଓ ଅଦୃଶ୍ୟମାନ ବସ୍ତୁଦ୍ୱାରା ଗଠିତ ଆମର କାମନା ଓ ମାନସ ଶରୀର ମଧ୍ୟ ସେହିପରି ଅତି ସୂକ୍ଷ୍ମ ଅଦୃଶ୍ୟ କଣିକାମାନଙ୍କ ଦ୍ୱାରା ଗଠିତ। ଏହି କଣିକାମାନଙ୍କ ମଧ୍ୟରୁ କିଛି ଏପରି କଣିକାଥାଏ ଯାହା ସଦା ପରିବର୍ତ୍ତନଶୀଳ, ଅର୍ଥାତ୍ ଏହା ଆମ ଶରୀର ତଥା ଆମ ପାରିପାର୍ଶ୍ୱିକରେ ଥିବା ମଣିଷମାନଙ୍କ ଶରୀର ମଧ୍ୟରେ ସର୍ବଦା ଯାତାୟତ କରିଥାନ୍ତି। ଏହି କଣିକା ଗୁଡ଼ିକର ଚୁମ୍ବକୀୟ ପ୍ରଭାବ ଆମ ଶରୀର ଅନୁରୂପ କଣିକାମାନଙ୍କୁ ଅନ୍ୟ ଶରୀରରୁ ଆକର୍ଷଣ କରି ଆଣି ଆମ ସୂକ୍ଷ୍ମ ଶରୀରଗୁଡ଼ିକର ଗଠନରେ ଲଗାଇଥାନ୍ତି। ଆମ ଶରୀରର କଣିକାଗୁଡ଼ିକ ଯଦି ଶୁଦ୍ଧ ଓ ପବିତ୍ର ରହେ ତାହା ଅନ୍ୟ ଶରୀରମାନଙ୍କଠୁ ଶୁଦ୍ଧ ଓ ପବିତ୍ର କଣିକାମାନଙ୍କୁ ଆକର୍ଷଣ କରିଆସିଥାନ୍ତି। ଆମ ଶରୀରର ଶୁଦ୍ଧ ଓ ପବିତ୍ର କଣିକାମାନଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଆମ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ ଯାହାଦ୍ୱାରା ଆମ ଶରୀର ନିରୋଗ ଓ ସୁସ୍ଥ ରହିଥାଏ। ଆମ ସୂକ୍ଷ୍ମ ଶରୀରଗୁଡ଼ିକରେ ଶୁଦ୍ଧ ଓ ପବିତ୍ର କଣିକାମାନଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଏହାର ପ୍ରଭାବରେ ଆମ ମନରେ ଉଚ୍ଚ ଚିନ୍ତା ଓ ପବିତ୍ର ଭାବଧାରା ପ୍ରତି ସମ୍ବେଦନଶୀଳତା ବୃଦ୍ଧି ପାଇଥାଏ। ଠିକ୍ ଏହାର ବିପରୀତ କ୍ରମେ ଆମ ଶରୀର ଦୂଷିତ ରହିବା ଦ୍ୱାରା ଏହି କଣିକାଗୁଡ଼ିକ ଦୂଷିତ ଓ ଅପବିତ୍ର କଣିକାମାନଙ୍କୁ ଆକର୍ଷଣ କରି ଆମ

ଶରୀରରେ ରୋଗ ସୃଷ୍ଟି କରାଇବା ସହିତ ମନରେ ନୀଚ ଶ୍ରେଣୀୟ ଚିନ୍ତାଧାରା ଉଦ୍ରେକ କରାଇବାରେ ସହାୟକ ହୋଇଥାଏ।

ଏଥିରୁ ସ୍ପଷ୍ଟରୂପେ ମନେ ହୁଏ ଯେ ଆମ ନିଜ ଶରୀରର ସୁସ୍ଥତା ଉପରେ ଆମ ପାରିପାର୍ଶ୍ୱିକ ଶାରୀରିକ ଶୁଦ୍ଧତା ଅନେକାଂଶରେ ଜଡ଼ିତ ରହିଅଛି। ଆମେ ପରିଷ୍କାର-ପରିଚ୍ଛନ୍ନ ରହିବା ଦ୍ୱାରା ଆମ ଶରୀରରୁ ଯେଉଁ ଶୁଦ୍ଧ ଓ ପବିତ୍ର ପ୍ରାଣ ଶକ୍ତି ନିର୍ଗତ ହେବ ତାହା ଆମ ପାରିପାର୍ଶ୍ୱିକ ଶରୀରମାନଙ୍କୁ ଶୁଦ୍ଧ ଓ ପବିତ୍ର ରଖିବାରେ ସାହାଯ୍ୟ କରିବ। ସେହିପରି ଆମ ଶରୀରରେ ଶୁଦ୍ଧ କଣିକାମାନଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଏହା ଆମ ପରିବେଶରେ ଥିବା ମଣିଷମାନଙ୍କ ଶରୀର ନୀରୋଗ ରହିବାରେ ସହାୟତା କରିଥାଏ। ତେଣୁ ଗୋଟିଏ ସୁସ୍ଥ ସମାଜ ଗଠନରେ ପ୍ରତ୍ୟେକ ମାନବ ଦାୟୀ ରହିଥାଏ।

**୩. ସ୍ୱାସ୍ଥ୍ୟ ରକ୍ଷାର ଗୁପ୍ତଜ୍ଞାନ (Occult Hygiene) :-**

ଆମ ହାତ ଓ ଗୋଡ଼ର ଆଙ୍ଗୁଳିଗୁଡ଼ିକ ଯେପରି ସର୍ବଦା ପରିଷ୍କାର-ପରିଚ୍ଛନ୍ନ ରହେ ତା ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ ଅଟେ। ଆମ ଶରୀରର ପ୍ରାଣ ଶକ୍ତି ମୁଖ୍ୟତଃ ହାତ ଓ ଗୋଡ଼ର ଆଙ୍ଗୁଳି ଦେଇ ନିର୍ଗତ ହୋଇଥାଏ। ନଖରେ ଯେଉଁ ମଇଳା ଜମି ରହେ, ପ୍ରାଣ ଶକ୍ତି ନିର୍ଗତ ସମୟରେ ଏହା ସଂସ୍ପର୍ଶରେ ଆସି ଦୂଷିତ ହୋଇ ଯାଇଥାଏ। ଏହି ଦୂଷିତ ପ୍ରାଣ ଶକ୍ତି କିପରି ସୂକ୍ଷ୍ମ ଶରୀର ଗୁଡ଼ିକର କ୍ଷତି ପହଞ୍ଚାଇ ଥାଏ ତାହା ପୂର୍ବରୁ ଆଲୋଚନା ହୋଇସାରିଛି। ଏହି ସମାନ କାରଣରୁ ଆମର ପାଦକୁ ବେଶୀ ସମୟ ଧରି ଜୋତା ବା ମୋଜା ଦେଇ ଘୋଡ଼ାଇ ରଖିବା ଆଦୌ ଉଚିତ୍ ହୋଇନଥାଏ। ଏହାଦ୍ୱାରା ଯେଉଁ ଦୁର୍ଗନ୍ଧ ଜାତ ହୋଇଥାଏ ତାହା ପ୍ରାଣଶକ୍ତିକୁ ଦୂଷିତ କରିଦେଇଥାଏ।

ସେଲୁନ୍‌ମାନଙ୍କରେ ବାଳକାଟିବା ଦ୍ୱାରା ଆମ ଶରୀରର ଯେଉଁ କ୍ଷତି ସାଧନ ହୋଇଥାଏ ତାହା ପ୍ରତି ମଧ୍ୟ ଗୁପ୍ତବିଜ୍ଞାନ ଆଲୋକପାତ କରିଅଛି। ସେଲୁନ୍‌ରେ ବାଳ କାଟୁଥିବା ଲୋକଟି ଭିନ୍ନ ଭିନ୍ନ ଲୋକମାନଙ୍କ ଶରୀର ସଂସ୍ପର୍ଶରେ ଆସିବା ଦ୍ୱାରା ପ୍ରଥମତଃ ତା ହାତରୁ ନିର୍ଗତ ପ୍ରାଣଶକ୍ତି

ଦୂଷିତ ହୋଇ ଯାଇଥାଏ । ଦ୍ୱିତୀୟତଃ ଶରୀର ଗଠନ କରୁଥିବା ଅଦୃଶ୍ୟ କଣିକାଗୁଡ଼ିକ ସେହି ଲୋକର ଶରୀରରେ ତାର ଶୁଦ୍ଧତା ଓ ପବିତ୍ରତା ହରାଇ ବସିଥାଏ। ବାଳ କାଟିବା ଲୋକଟି ତାର ହସ୍ତଟିକୁ ଶୁଦ୍ଧ କରିବାର କୌଣସି ପ୍ରକ୍ରିୟା ଅବଲମ୍ବନ ବିନା ଆମ ମୁଣ୍ଡ ଯାହା ଚୁମ୍ବକୀୟ ପ୍ରଭାବ ପ୍ରତି ଅତି ସମ୍ବେଦନଶୀଳ ତାକୁ ସ୍ପର୍ଶ କରିବା ଦ୍ୱାରା ତା ହସ୍ତରୁ ନିର୍ଗତ ଦୂଷିତ ପ୍ରାଣ ଶକ୍ତି ଓ ତାର ଶରୀରର ଦୂଷିତ କଣିକାଗୁଡ଼ିକ ଅତି ସହଜରେ ଆମ ଶରୀରରେ ପ୍ରବେଶ କରିଥାଏ। ପୁଣି ବାଳକାଟୁ ଥିବା ଲୋକଟି ସାଧାରଣତଃ ଆମ ମୁହଁ ଉପରେ ନିଃଶ୍ୱାସ ଛାଡ଼ିଥାଏ। ଏହି ନିଃଶ୍ୱାସ ପ୍ରଶ୍ୱାସର ଦୁର୍ଗନ୍ଧ ଓ ଶରୀରର ଦୁର୍ଗନ୍ଧ ଆମ ଶରୀରର ଶୁଦ୍ଧତା ଓ ପବିତ୍ରତା ପ୍ରତି ବିପଦର କାରଣ ହୋଇଥାଏ।

ତେଣୁ ଦିବ୍ୟ ଦ୍ରଷ୍ଟାମାନଙ୍କ ମତରେ ଆମ ଶରୀରର ପବିତ୍ରତା ଓ ଶୁଦ୍ଧତା ରକ୍ଷା ପାଇଁ ନିଜ ପରିବାରର କିମ୍ବା ଆମର ଅତି ଘନିଷ୍ଠ ଥିବା କାହା ଦ୍ୱାରା ବାଳ କଟାଇଲେ ତାହା ହୁଏତ ଅସୁନ୍ଦର ଲାଗିପାରେ; କିନ୍ତୁ ଆଧ୍ୟାତ୍ମିକ ସାଧକମାନଙ୍କ ପାଇଁ ଏହା ଅନେକ ଅବାଂଛିତ ପ୍ରଭାବ ଓ ରୋଗ ଜୀବାଣୁ ସଂକ୍ରମଣଠାରୁ ଆମ ଶରୀରଟିକୁ ରକ୍ଷା କରିପାରିବ।

**୪. ଶାରୀରିକ ବ୍ୟାୟାମ (Physical Exercise) :-**

ସ୍ଥୂଳ ଶରୀରର ସୁସ୍ଥତା ଓ ବିକାଶ ପାଇଁ ଶାରୀରିକ ବ୍ୟାୟାମର ଯେତିକି ଆବଶ୍ୟକତା ରହିଅଛି ଆମର ସୂକ୍ଷ୍ମ ଶରୀର ଗୁଡ଼ିକର ସୁସ୍ଥତା ଓ ପବିତ୍ରତା ପାଇଁ ଶାରୀରିକ ବ୍ୟାୟାମର ସେତିକି ପ୍ରୟୋଜନ ରହିଅଛି।

ଆମ ସ୍ଥୂଳ ଶରୀର ସହିତ ଥିବା ସୂକ୍ଷ୍ମ ଶରୀର ଗୁଡ଼ିକ ମଧ୍ୟରୁ ଛାୟା ଶରୀର ଅନ୍ୟତମ। ଏହି ଛାୟା ଶରୀର ମାଧ୍ୟମରେ ପ୍ରାଣଶକ୍ତି ଆମ ଶରୀର ମଧ୍ୟରେ ପ୍ରବେଶ କରିଥାଏ। ଏହି ପ୍ରାଣ ଶକ୍ତି ଯଦି ସମସ୍ତ ସ୍ନାୟୁ ମଣ୍ଡଳ ଦେଇ ସରା ଶରୀରରେ ପ୍ରବାହିତ ନ ହୁଏ ତେବେ ସ୍ଥୂଳଶରୀରଟି ଅସୁସ୍ଥ ହୋଇ ପଡ଼େ। ଏଇ ଛାୟା ଶରୀରଟି ଆମ ସ୍ଥୂଳ ଶରୀର ସହିତ ଏପରି ଜଡ଼ିତ ଯେ ସ୍ଥୂଳ ଶରୀରଟି ଅସୁସ୍ଥ ହେଲେ ଛାୟା ଶରୀରଟି ମଧ୍ୟ ଅସୁସ୍ଥ ହୋଇପଡ଼େ।

ଦୈନିକ ଶାରୀରିକ ବ୍ୟାୟାମ ଦ୍ୱାରା ଏଇ ଛାୟା ଶରୀରଟି ସୁସ୍ଥ ରହିଥାଏ। ଏହାଦ୍ୱାରା ପ୍ରଥମତଃ ଆମ ଶରୀରରେ ସଠିକ୍ ରୂପେ ପ୍ରାଣ ଶକ୍ତି ପ୍ରବାହିତ ହୋଇଥାଏ ଯାହାଦ୍ୱାରା ଆମ ଶରୀରରେ ରୋଗ ଜୀବାଣୁ ପ୍ରବେଶ କରିପାରିନଥାଏ। ଦ୍ୱିତୀୟତଃ ଅବସାଦ ମୂଳକ ଚିନ୍ତାଧାରା ଓ ପାଶବିକ ଚିନ୍ତାଧାରା ଆମ ମନକୁ ପ୍ରଭାବିତ କରିପାରିନଥାଏ। ଯେହେତୁ ଛାୟା ଶରୀରଟି ଆମ ସ୍ଥୂଳ ଶରୀର ଓ କାମନା-ମାନସ ଶରୀର ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିଥାଏ, ଏହି ଛାୟା ଶରୀରଟି ସୁସ୍ଥ ରହିଲେ ତା'ର ସୁ ପ୍ରଭାବ କାମନା-ମାନସ ଶରୀର ଉପରେ ପଡ଼ିଥାଏ। ସେଥିପାଇଁ ଯେଉଁମାନେ ଦୈନିକ ଶାରୀରିକ ବ୍ୟାୟାମ ଅଭ୍ୟାସ କରିଥାନ୍ତି ସେମାନେ ନିରୋଗ ଓ ପ୍ରଫୁଲ୍ଲ ଚିତ୍ତ ରହିଥାନ୍ତି।

**୫. ବାର୍ତ୍ତାଳାପ (Speech):-**

ଆମର ଦୈନନ୍ଦିନ ଜୀବନରେ କରୁଥିବା ବାର୍ତ୍ତାଳାପର ମଧ୍ୟ କିଛି ବିଶେଷ ନିୟମ ରହିଅଛି। ଆମ୍ଭମାନଙ୍କୁ ସଦା ସର୍ବଦା ଧ୍ୟାନ ଦେବାକୁ ପଡ଼ିବ ଆମର ପ୍ରତିଟି ବାକ୍ୟରେ ଯେପରି ସତ୍ୟତା ପ୍ରକାଶ ପାଉଥାଏ। ପ୍ରତିଟି ବାକ୍ୟ ହୃଦୟଗ୍ରାହୀ ଓ ଶ୍ରୁତି ମଧୁର ହେବା ଉଚିତ୍। ଅନ୍ୟମାନଙ୍କୁ ପ୍ରତାରଣା ବା ଛଳନା କରିବା ପାଇଁ ମିଥ୍ୟା ଓ ତାଚ୍ଛଲ୍ୟ କଲା ଭଳି ବ୍ୟବହାର କରିବା ଉଚିତ ନୁହେଁ।

କଥାବାର୍ତ୍ତା ସମୟରେ ସର୍ବଦା ଯୁକ୍ତିତର୍କ ଉପୁଜିବା ଭଳି ପରିସ୍ଥିତିକୁ ଆଡ଼େଇଯିବା ବିଜ୍ଞତାର ପରିଚୟ। ଯୁକ୍ତିତର୍କର ଶେଷ ପରିଣତି କ'ଣ ହୋଇଥାଏ ? ଯୁକ୍ତିତର୍କ ଦ୍ୱାରା ପରସ୍ପର ଭିତରେ ଘୃଣା ଓ ଶତ୍ରୁତା ଭାବ ହିଁ ସୃଷ୍ଟି ହୋଇଥାଏ।

କୌଣସି ବିଷୟ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନ ବେଳେ ତାହା ଅତ୍ୟନ୍ତ ଭଦ୍ରତା ସହିତ କରିବା ଉଚିତ୍। ଏହା ସହ ଅନ୍ୟମାନଙ୍କୁ ମଧ୍ୟ ମତ ରଖିବାର ସୁଯୋଗ ପ୍ରଦାନ କରିବା ଦରକାର। ଅନ୍ୟର ମତକୁ ଭଦ୍ରତା ସହ ଶୁଣିବା ସହ ଗୁରୁତ୍ୱ ଦେବା ଉନ୍ନତ ମାନସିକତାର ଲକ୍ଷଣ।

କଥାରେ ଅଛି 'The wise man will never argue' । ଅର୍ଥାତ୍ ବୁଦ୍ଧିମାନ ବ୍ୟକ୍ତି କେବେ ଯୁକ୍ତିତର୍କ କରିନଥାଏ। ସି. ଡବ୍ଲ୍ୟୁ. ଲେଡ୍‌ବିଟର ଏହି ମର୍ମରେ ଏକ ଚମତ୍କାର ବାଖ୍ୟା ପ୍ରଦାନ କରିଅଛନ୍ତି। ସେ ଉଲ୍ଲେଖ କରିଛନ୍ତି ତାଙ୍କ ପାଖକୁ କେହି ବ୍ରହ୍ମବିଦ୍ୟା ବିଷୟ ନେଇ ଯୁକ୍ତିତର୍କ କରିବାକୁ ଆସିଲେ ମୁଁ ସେମାନଙ୍କ ସହିତ କୌଣସି ଆଲୋଚନା କରିବା ପାଇଁ ମନା କରିଦେଇଥାଏ। ସେମାନଙ୍କୁ କହେ ମୁଁ ଯାହା ସତ୍ୟ ବୋଲି ଦେଖିଛି ଏବଂ ଅନୁଭବ କରିଅଛି ସେ ବିଷୟ ହିଁ ମୁଁ କହିଥାଏ। ତାକୁ ଯଦି କେହି ବିଶ୍ୱାସ କରେ ସେହି ଲୋକକୁ ମୁଁ ସ୍ୱାଗତ କରିବି। କିନ୍ତୁ ଯଦି କେହି ମୋ ଉପରେ ବିଶ୍ୱାସ କରେ ନାହିଁ ସେଥିପାଇଁ ମୁଁ କୌଣସି ସମୟ ଦେଇ ପାରିବି ନାହିଁ। କାରଣ ସେହି ସମୟତକ ଯଦି ମୋ ଉପରେ ବିଶ୍ୱାସ କରୁଥିବା ଲୋକମାନଙ୍କୁ ଦିଏ ତେବେ ତାହା ଖୁବ୍ ଭଲ ହେବ।

**୬. ଅଧ୍ୟୟନ (Study) :-**

ଆମେ ଦୈନନ୍ଦିନ ଜୀବନରେ କରୁଥିବା ପ୍ରତ୍ୟେକ କର୍ମର ଗୋଟିଏ ଅଦୃଶ୍ୟ ଦିଗ ରହିଅଛି। ଏହି ଅଦୃଶ୍ୟ ଦିଗ ବିଷୟରେ ଆମେମାନେ ଅବଗତ ହୋଇପାରିଲେ ପ୍ରତ୍ୟେକ କର୍ମକୁ ନିର୍ଭୁଲ ଭାବେ ସମ୍ପାଦନ କରିବାରେ ଦକ୍ଷତା ହାସଲ କରିପାରିବା।

ଉଦାହରଣ ସ୍ୱରୂପ ଛାତ୍ରଟିଏର ବିଦ୍ୟା ଅଧ୍ୟୟନ କର୍ମକୁ ନେବା। ଅଧ୍ୟୟନକୁ ନେଇ ଯେଉଁ ଦୁଇଟି ସମସ୍ୟା ଗୋଟିଏ ଛାତ୍ରର ଥାଏ ତାହା ହେଲା ପାଖ ବିଷୟଗୁଡ଼ିକ ସ୍ମରଣ ନ କରିବା ଏବଂ ତାହା ବୋଧଗମ୍ୟ ନ ହେବା। କିନ୍ତୁ ଜଣେ ଦିବ୍ୟ ଦୃଷ୍ଟି ପ୍ରାପ୍ତ ବ୍ୟକ୍ତି ସେହି ଛାତ୍ରଟିର ମସ୍ତିଷ୍କଟିକୁ ଅବଲୋକନ କରେ ସେ ନିଶ୍ଚୟ ଲକ୍ଷ୍ୟ କରିପାରିବ ଅଧ୍ୟୟନ ସମୟରେ ତା ମସ୍ତିଷ୍କ ଏକ ସଙ୍ଗରେ ଅନେକ ଗୁଡ଼ିଏ ଚିନ୍ତା ନେଇ ବ୍ୟସ୍ତ ରହିଥାଏ। ଯେପରି ଘରର ସମସ୍ୟା କଥା, ଚାକିରି ଓ ବ୍ୟବସାୟର କଥା, କୌଣସି ଆମୋଦପୂର୍ଣ୍ଣ ଘଟଣା ଯାହା ତାକୁ ଆନନ୍ଦ ଦେଇଥିଲା ତାକୁ ସ୍ମରଣ କରି ଆନନ୍ଦିତ ହେବା, ଅଧ୍ୟୟନ ସମୟତକ କିପରି ଶୀଘ୍ର ଶୀଘ୍ର ଅତିକ୍ରମ କରିଗଲେ ଖେଳ କୁଦ କିମ୍ବା ଅନ୍ୟ କିଛି ଆମୋଦକର କର୍ମରେ ସାମିଲ

ହେବା ଏପରି ଅନେକ ଚିନ୍ତାରେ ତା ମସ୍ତିଷ୍କଟି ଭାରାକ୍ରାନ୍ତ ରହିଥାଏ। ଦେଖିବାକୁ ଗଲେ ୧୦ ଭାଗରୁ ୯ ଭାଗ ମସ୍ତିଷ୍କ ଏହିପରି ଚିନ୍ତାକୁ ନେଇ ବ୍ୟସ୍ତ ରହିଥାଏ। ଆଉ ବାକି ରହିଥିବା ୧ ଭାଗରେ ସେ ପାଠ୍ୟ ବସ୍ତୁଗୁଡ଼ିକ ସ୍ମରଣ କରିବା ଏବଂ ବୋଧଗମ୍ୟ ହେବା କାର୍ଯ୍ୟରେ ଲଗାଇଥାଏ। ଏଥିରୁ ସହଜରେ ଅନୁମାନ ସାପେକ୍ଷ ଆମର ପାଖ ବିଷୟତକ ସ୍ମରଣ ନ ରହିବା ବା ବୁଝି ନ ପାରିବାର ଅଦୃଶ୍ୟ କାରଣଟି କେଉଁଠି ରହିଥାଏ।

ଗୁପ୍ତବିଜ୍ଞାନରେ କେତେଗୁଡ଼ିଏ ନିୟମ ପ୍ରଦାନ କରାଯାଇଅଛି ଯାହାକୁ ପାଳନ କରିବା ଦ୍ୱାରା ଅଧ୍ୟୟନରେ ଉନ୍ନତି ଆସିପାରିଥାଏ। ପ୍ରଥମତଃ ଆମ ମସ୍ତିଷ୍କଟିକୁ ସବୁ ପ୍ରକାର ଚିନ୍ତାରୁ ମୁକ୍ତ କରି ଖାଲି କରିଦେବାକୁ ପଡ଼ିବ। ଅଧ୍ୟୟନ ସମୟତକ ଛାତ୍ରଟି କେବଳ ପାଠ୍ୟ ବିଷୟ ଉପରେ ତାର ମନକୁ କେନ୍ଦ୍ରିଭୂତ କରିବା ଆବଶ୍ୟକ। ଅଧ୍ୟୟନ ସମୟରେ ସେ ସଦା ଜାଗ୍ରତ ରହିଥିବ ଯେପରି ଅନ୍ୟ କୌଣସି ଚିନ୍ତା ତା ମନରେ ପ୍ରବେଶ କରିବା କ୍ଷଣି ସେ ଯେପରି ସଙ୍ଗେ ସଙ୍ଗେ ତାକୁ ପ୍ରତ୍ୟାଖ୍ୟାନ କରିପାରିବ।

ଦ୍ୱିତୀୟରେ ଗୋଟିଏ ପାରାକୁ ପାଠ କଲାବେଳେ ଅତି ଯତ୍ନର ସହିତ ଓ ଧୀରସ୍ଥିର ଭାବେ ପଢ଼ିବା ଉଚିତ୍। ପଢ଼ିସାରି ସେ ଦେଖିବା ଉଚିତ ସେଇ ପାରାଟି ତାର ସଂମ୍ପୂର୍ଣ୍ଣ ବୋଧଗମ୍ୟ ହେଲା କି ନାହିଁ? ଯଦି ସେ ଅନୁଭବ କରେ ଯେ ତାହା ହୋଇନାହିଁ, ତେବେ ପୁନର୍ବାର ପାରାଟିକୁ ଅତି ଯତ୍ନର ସହିତ ପଢ଼ିବା ଉଚିତ୍। ଦ୍ୱିତୀୟବାର ପଢ଼ି ସାରିବା ପରେ ସେ ଲକ୍ଷ୍ୟ କରିବା ଉଚିତ୍ ପ୍ରଥମ ଥର ଯାହା ପଢ଼ିଥିଲା ତାହାଠାରୁ ଅଧିକ କିଛି ତଥ୍ୟ ତାର ବୁଝିବାରେ ଆସୁଅଛିକି ? ଏହିପରି ପାରାଟି ବାରମ୍ବାର ପଢ଼ିବା ଉଚିତ୍ ଯେ ପର୍ଯ୍ୟନ୍ତ ସେଇ ପାରାଟି ସମ୍ପୂର୍ଣ୍ଣରୂପେ ତାର ବୁଝିବା ଭିତରକୁ ନ ଆସିଛି। ପ୍ରଥମ ପାରାର ସମସ୍ତ ତଥ୍ୟ ତାର ବୋଧଗମ୍ୟ ହୋଇପାରିଛି ବୋଲି ହୃଦବୋଧ ହୋଇସାରିଲା ପରେ ସେ ଦ୍ୱିତୀୟ ପାରାଟିକୁ ସେହି କ୍ରମରେ ପଢ଼ିବ ଯେପରି ସେ ପ୍ରଥମ ପାରାଟି ପଢ଼ିଥିଲା।

ପ୍ରତ୍ୟେକ କାର୍ଯ୍ୟ କରିବାର ଗୋଟିଏ 'କାର୍ଯ୍ୟ ପ୍ରଣାଳୀ ନୀତି' ଥାଏ, ତାହା ଆମେ ଜାଣିପାରିଲେ ପ୍ରତ୍ୟେକ କର୍ମକୁ ନିର୍ଭୁଲ ଭାବେ କରିବାର ଦକ୍ଷତା ଲାଭ କରିପାରିବା।

**କାର୍ଯ୍ୟ କରିବାର ପ୍ରଣାଳୀ ବା କଳା (System and Thoroughness):-**

ଜଣେ ଆଧ୍ୟାତ୍ମିକ ସାଧକ ଚାହିଁଥାଏ ତାର କାର୍ଯ୍ୟ କରିବାର ପ୍ରଣାଳୀ ସାଧାରଣ ଲୋକର କାର୍ଯ୍ୟ କରିବାର ପ୍ରଣାଳୀ ଅପେକ୍ଷା ଉଚ୍ଚମାନର ଓ ଶୃଙ୍ଖଳିତ ହେଉ। ତେଣୁ ତାର ଦୈନନ୍ଦିନ ଜୀବନରେ ପ୍ରତ୍ୟେକ କର୍ମ ତାହା ଛୋଟ ହେଉ ବା ବଡ଼ ହେଉ ତାକୁ ସମାନ ରୂପେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ପ୍ରଥମତଃ ସେ ପ୍ରତ୍ୟେକ କର୍ମକୁ ସୁବ୍ୟବସ୍ଥିତ ରୂପେ ସମ୍ପାଦନ କରିବାର ଶିକ୍ଷା ଲାଭ କରିଥାଏ। ଯାହାଦ୍ୱାରା ପ୍ରତ୍ୟେକ କର୍ମ ସାଧନରେ ଶୃଙ୍ଖଳା ରକ୍ଷା କରିବାର ଦକ୍ଷତା ତାର ହାସଲ ହୋଇଥାଏ। ଦ୍ୱିତୀୟତଃ କୌଣସି କର୍ମକୁ ଅସମ୍ପୂର୍ଣ୍ଣ ରୂପେ ଛାଡ଼ି ନ ଦେଇ ତାକୁ ପୂର୍ଣ୍ଣ ରୂପେ ସମାପନ କରିବାର ଦକ୍ଷତା ତା'ର ଚରିତ୍ରଗତ ହୋଇଯାଏ।

ମାନବ ଜୀବନରେ ଅଦୃଶ୍ୟ ପ୍ରଭାବଗୁଡ଼ିକର ଅନେକ ଲୁକ୍କାୟିତ ଦିଗ ରହିଅଛି। C.W. Leadbeater ତାଙ୍କ ପୁସ୍ତକ 'The Hidden Side of Things'ରେ ଅଦୃଶ୍ୟ ଜଗତର ମଣିଷ ଉପରେ ପ୍ରଭାବ ଏବଂ ମଣିଷର ଦୈନନ୍ଦିନ ଜୀବନରେ ଅଦୃଶ୍ୟ ପ୍ରଭାବଗୁଡ଼ିକର ଭୂମିକା ଗୁଡ଼ିକୁ ତିନିଗୋଟି ଭାଗରେ ବର୍ଣ୍ଣନା କରିଅଛନ୍ତି। ପ୍ରଥମ ଭାଗରେ ଅନ୍ୟମାନଙ୍କ ଦ୍ୱାରା ଆମେ କିପରି ପ୍ରଭାବିତ ହେଉଅଛୁ। ଦ୍ୱିତୀୟ ଭାଗରେ ଆମେ ନିଜେ ନିଜକୁ କିପରି ପ୍ରଭାବିତ କରୁଅଛୁ ଏବଂ ତୃତୀୟରେ ଆମ୍ଭେମାନେ ଅନ୍ୟମାନଙ୍କୁ କିପରି ପ୍ରଭାବିତ କରୁଅଛୁ।

ଦ୍ୱିତୀୟ ଭାଗରେ ଚାରିଗୋଟି ବିଷୟ ଉଲ୍ଲେଖ କରିଅଛନ୍ତି ଯାହା ମାଧ୍ୟମରେ ସିଏ ଦର୍ଶାଇଅଛନ୍ତି ଆମେମାନେ ନିଜେ ନିଜକୁ କିପରି ପ୍ରଭାବିତ କରିଥାଉ। ସେଗୁଡ଼ିକ ହେଲା ଆମର ଅଭ୍ୟାସ ଦ୍ୱାରା, ଭୌତିକ ପରିବେଶ, ମାନସିକ ଅବସ୍ଥା ତଥା ଆମର ଆମୋଦପ୍ରମୋଦ ଦ୍ୱାରା। ଉପରେ ବର୍ଣ୍ଣନା

କରାଯାଇଥିବା ସାତ ଗୋଟି ବିଷୟ 'ଅଭ୍ୟାସ'ର ଅନ୍ତର୍ଗତ। ଅର୍ଥାତ୍ ଆମର ଅଭ୍ୟାସଗୁଡ଼ିକ ଦ୍ୱାରା ଆମେ ନିଜେ ନିଜକୁ କିପରି ପ୍ରଭାବିତ କରିଥାଉ।

ଉପରୋକ୍ତ ଆଲୋଚ୍ୟ ବିଷୟଗୁଡ଼ିକ ନିଃସନ୍ଦେହରେ ଗୋଟିଏ ଆଧ୍ୟାତ୍ମିକ ସାଧକ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ସହ ଆଧ୍ୟାତ୍ମିକ ପଥରେ ଚାଲିବା ପାଇଁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥାଏ।

❖❖❖

ଲେଖକ ସନତ୍ କୁମାର ଲଜ୍, ଭୁବନେଶ୍ୱରର ସଭ୍ୟ